୬ ଆଇଓସି ମହିଳା ଅଧ୍ୟକ୍ଷ ହେଲେ କ୍ରିଷ୍ଟି କୋଭେଣ୍ଟ୍ରି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୫୩ ● ୨୨ ମାର୍ଚ୍ଚ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-53 ● 22nd March 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## କ୍ୟାବିନେଟ୍‌ରେ ୭ ବିଭାଗର ୧୦ ପ୍ରସ୍ତାବକୁ ଅନୁମୋଦନ

# ଆୟୁଷ୍ମାନ ଭାରତ ସହ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ମିଳିତ ଭାବେ ଲାଗୁ ହେବ

**ଭୁବନେଶ୍ୱର, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ରାଜ୍ୟ କ୍ୟାବିନେଟର ୧୬ତମ ବୈଠକରେ ୭ଟି ବିଭାଗ (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇସ୍ପାତ ଓ ଖଣି, ପୂର୍ତ୍ତ, ସାଧାରଣ ପ୍ରଶାସନ, ଜଳ ସମ୍ପଦ, ପଞ୍ଚାୟତିରାଜ ଓ ପାନୀୟଜଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ)ର ୧୦ଟି ପ୍ରସ୍ତାବ ଅନୁମୋଦନ ଲାଭ କରିଛି। କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଘୋଷଣା କରିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ଜନସାଧାରଣଙ୍କ ପାଇଁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଳିତ ଭାବେ ଲାଗୁ କରିବା ପାଇଁ ରାଜ୍ୟ ସରକାର ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ନୂଆ ସମନ୍ୱିତ ଯୋଜନାରେ ପ୍ରାୟ ୧.୦୩ କୋଟି ପରିବାରର ୩.୪୬ କୋଟି ହିତାଧିକାରୀ ଉପକୃତ ହେବେ। ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ସଦସ୍ୟ ମାନେ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ସୁବିଧା ପାଇବେ। ଏହା ସହ, ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସ୍କ, ଆର୍ଥିକ ବର୍ଗ ନିର୍ବିଶେଷରେ, ସମସ୍ତ ବ୍ୟକ୍ତି ମାନଙ୍କ ପାଇଁ 'ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା' ଲାଗୁ କରାଯିବ। ଏହା ଦ୍ୱାରା ସେମାନେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ପାଇ ପାରିବେ।

ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ସାରା ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ମୂଲ୍ୟର ଦେୟମୁକ୍ତ ଚିକିତ୍ସା ପାଇପାରିବେ। ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବାର ଆଶା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। *(ପୃଷ୍ଠା ୭ରେ)*

# ପ୍ରତିରକ୍ଷା କ୍ଷମତା ବୃଦ୍ଧି ପାଇଁ ୫୪ ହଜାର କୋଟି

**ନୂଆଦିଲ୍ଲୀ, ୨୧।୩**

ଭାରତୀୟ ପ୍ରତିରକ୍ଷା ବାହିନୀର ପରିଚାଳନା କ୍ଷମତାକୁ ବୃଦ୍ଧି କରିବା ପାଇଁ ୫୪ ହଜାର କୋଟି ଟଙ୍କା ମଞ୍ଜୁର ହୋଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ୫୪ ହଜାର କୋଟିରୁ ଅଧିକ ମୂଲ୍ୟର ଆଠଟି ପୁଞ୍ଜି ଅଧିଗ୍ରହଣ ପ୍ରସ୍ତାବକୁ ଅନୁମୋଦନ କରିଛି।



୨୦୨୫କୁ ସଂସ୍କାର ବର୍ଷ ଭାବରେ ପାଳନ କରିବାର ଏକ ଅଂଶ ଭାବରେ ଡିଏସି ପୁଞ୍ଜି ଅଧିଗ୍ରହଣ ପ୍ରକ୍ରିୟାକୁ ଦ୍ରୁତ, ଅଧିକ ପ୍ରଭାବଶାଳୀ ଏବଂ ଦକ୍ଷ କରିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ସମୟସୀମା ହ୍ରାସ କରିବା ପାଇଁ ନିର୍ଦ୍ଦେଶାବଳୀକୁ ମଧ୍ୟ ଅନୁମୋଦନ କରିଛି। ସେନା ପାଇଁ ସରକାର ଟି-୯୦ ଟ୍ୟାଙ୍କ ପାଇଁ ବର୍ତ୍ତମାନର ୧୦୦୦ ଏଚ୍‌ପି ଇଞ୍ଜିନକୁ ଅପଗ୍ରେଡ କରି ୧୩୫୦ ଏଚ୍‌ପି ଇଞ୍ଜିନ କ୍ରୟ ପାଇଁ ଅନୁମୋଦନ କରିଛନ୍ତି। ନୌସେନାର କ୍ଷମତା ବୃଦ୍ଧି କରିବା ପାଇଁ ଡିଏସି ବରୁଣାସ୍ତ୍ର ଟର୍ପେଡୋ (ଯୁଦ୍ଧ) କ୍ରୟ ପାଇଁ ମଞ୍ଜୁର କରିଛି। ବରୁଣାସ୍ତ୍ର ଟର୍ପେଡୋ ହେଉଛି ନୌସେନା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗଶାଳା ଦ୍ୱାରା ବିକଶିତ ଏକ ସ୍ୱଦେଶୀ ବିକଶିତ ଜାହାଜରେ ଲଞ୍ଚ କରାଯାଇପାରୁଥିବା ଆଣ୍ଟି-ସବମରିନ ଟର୍ପେଡୋ। ସେହିପରି ବାୟୁସେନାର କ୍ଷମତା ବୃଦ୍ଧି କରିବା ପାଇଁ ଡିଏସି ଏୟାରବର୍ଣ୍ଣ ପ୍ରାରମ୍ଭିକ ଚେତାବନୀ ଏବଂ ନିୟନ୍ତ୍ରଣ (ଏଇଡବ୍ଲ୍ୟୁ ଆଣ୍ଡ ସି) ବିମାନ ପ୍ରଣାଳୀ କ୍ରୟ ପାଇଁ ମଧ୍ୟ ମଞ୍ଜୁର କରିଛି। ଏଇଡବ୍ଲ୍ୟୁଆଣ୍ଡସି ସିଷ୍ଟମ ହେଉଛି କ୍ଷମତା ବୃଦ୍ଧିକାରୀ, ଯାହା ଯୁଦ୍ଧର ସମ୍ପୂର୍ଣ୍ଣ ସ୍ପେକ୍ଟ୍ରମ ପରିବର୍ତ୍ତନ କରିପାରିବ ଏବଂ ପ୍ରତ୍ୟେକ ଅନ୍ୟ ଅସ୍ତ୍ର ପ୍ରଣାଳୀର ଯୁଦ୍ଧ ସମ୍ଭାବନାକୁ ଦ୍ରୁତ ଭାବରେ ବୃଦ୍ଧି କରିପାରିବ।

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ କମିଟି ଅଫ ସିକ୍ୟୁରିଟି ସେନା ପାଇଁ ୭,୦୦୦ କୋଟି ଟଙ୍କା ମୂଲ୍ୟର ଉନ୍ନତ ଟୋଡେ ଆର୍ଟିଲାରୀ ଗନ ସିଷ୍ଟମ (ଏଟିଏଜିଏସ୍) କ୍ରୟ ପାଇଁ ଅନୁମୋଦନ କରିଛି। ଏଟିଏଜିଏସ ହେଉଛି ପ୍ରଥମ ସ୍ୱଦେଶୀ ଭାବରେ ଡିଜାଇନ୍, ବିକଶିତ ଏବଂ ନିର୍ମିତ। ୧୫୫ ଏମ୍‌ଏମ ଆର୍ଟିଲାରୀ ଗନ ସିଷ୍ଟମ ଏବଂ ଭାରତୀୟ ସେନାର କାର୍ଯ୍ୟ କ୍ଷମତାକୁ ବୃଦ୍ଧି କରିବା ପାଇଁ ଏହାର କ୍ରୟ କରାଯାଉଛି।

## ୭ଟି ବିଶ୍ୱବିଦ୍ୟାଳୟରେ ନାହାନ୍ତି ନିୟମିତ କୁଳପତି

**ଭୁବନେଶ୍ୱର, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୧୭ଟି ବିଶ୍ୱବିଦ୍ୟାଳୟ ଥିବାବେଳେ ଏଥିରୁ ୭ଟିରେ ନିୟମିତ କୁଳପତି ନାହାନ୍ତି ବୋଲି ଶୁକ୍ରବାର ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶାସକ ଦଳ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେଉଁ ସବୁ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି ସେଗୁଡିକ ହେଲା ଉତ୍କଳ ବିଶ୍ୱବିଦ୍ୟାଳୟ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ।

ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ବିଭାଗ ନିୟନ୍ତ୍ରଣରେ ୬୬ଟି ସରକାରୀ ଡିଗ୍ରୀ ମହାବିଦ୍ୟାଳୟ, ୧୬ଟି ସରକାରୀ ଶିକ୍ଷକ ଶିକ୍ଷାନୁଷ୍ଠାନ ଓ ୪୮୮ ବର୍ଗର ୨୯୮ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟ ରହିଛି। ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରୁ ବିଜେବି ସ୍ୱୟଂଶାସିତ ଡିଗ୍ରୀ ମହାବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ସରକାରୀ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ଦାୟିତ୍ୱ ପ୍ରଦାନ କରାଯାଉଛି। ଏହିସବୁ ମହାବିଦ୍ୟାଳୟଗୁଡିକରେ ନିୟମିତ ଅଧ୍ୟକ୍ଷ ପଦବୀ ନାହିଁ। ସେହିଭଳି ୧୭ଟି ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ମୋଟ ୨୦୨୭ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ଥିବାବେଳେ ସେଥିରୁ ୧୩୫୩ଟିପଦବୀ ଖାଲି ପଡିଛି। ୨୭୮୯ ଅଣଶିକ୍ଷକ କର୍ମଚାରୀ ପଦବୀ ମଧ୍ୟରୁ ୨୦୮୧ ଟି ପଦବୀ ଖାଲି ରହିଛି।

# ଜଷ୍ଟିସ୍ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି

**କଟକ, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ ହୋଇଛନ୍ତି ଜଷ୍ଟିସ ହରିଶ ଟଣ୍ଡନ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ନେଇ ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିବା ବେଳେ ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘାୱାଲ ଏନେଇ ଏକ୍ସ ଜରିଆରେ ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତର ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରିବା ପରେ କଲକାତା ହାଇକୋର୍ଟର ବିଚାରପତି ଜଷ୍ଟିସ ହରିଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ନିଯୁକ୍ତ କରିଛନ୍ତି।



ସୂଚନାଯୋଗ୍ୟ, ଚଳିତ ମାସ ୬ ତାରିଖରେ ସୁପ୍ରିମକୋର୍ଟ କଲେଜିୟମ କଲକାତା ହାଇକୋର୍ଟର ବିଚାରପତି ଜଷ୍ଟିସ ହରିଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ନିଯୁକ୍ତି ପାଇଁ ସୁପାରିସ କରିଥିଲେ। ଗତ ଜାନୁଆରୀ ୧୯ରେ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହଙ୍କ ଅବସର ପରେ ଏହି ସୁପାରିସ କରାଯାଇଥିଲା। ବର୍ତ୍ତମାନ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ *(ପୃଷ୍ଠା ୭ରେ)*

## ଖୁବ୍‌ଶୀଘ୍ର ନୂତନ ଜଳନୀତି

# ଚାଷଯୋଗ୍ୟ ଜମିର ଜଳ ସେଚନ ସୁନିଶ୍ଚିତ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉଛି

**ଭୁବନେଶ୍ୱର, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜଳ ସମ୍ପଦ ବିଭାଗର ସର୍ବମୋଟ ୧୪୮୪୧ କୋଟି ୭୨ ଲକ୍ଷ ୯୨ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଥିଲେ। ଦୀର୍ଘ ସମୟ ଧରି ଖର୍ଚ୍ଚ ଦାବି ଉପରେ ଆଲୋଚନା ହୋଇଥିଲା ଏବଂ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ତାହା ବାଚନିକ ଭୋଟ୍‌ରେ ଅନୁମୋଦନ ଲାଭ କରିଥିଲା।



ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୃଷି ଓ କୃଷକମାନଙ୍କ ସର୍ବାଙ୍ଗୀନ ଉନ୍ନତି ତଥା ଖାଦ୍ୟ ନିରାପତ୍ତା ପାଇଁ ରାଜ୍ୟର ସମସ୍ତ ଚାଷ ଉପଯୋଗୀ ଜମିରେ ଜଳସେଚନ ସୁନିଶ୍ଚିତ କରିବା ପାଇଁ ଜଳ ସମ୍ପଦ ବିଭାଗ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରୁଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୨ଲକ୍ଷ ୭୭ ହଜାର ହେକ୍ଟର ଚାଷ ଜମିକୁ ଜଳ ସେଚନ ସୁବିଧା ଯୋଗାଇ ଦେବା ପାଇଁ ବ୍ୟବସ୍ଥା *(ପୃଷ୍ଠା ୭ରେ)*

# ଶ୍ରମ କମିଶନରଙ୍କ ସହ ଆଲୋଚନା ପରେ ବ୍ୟାଙ୍କ ଧର୍ମଘଟ ପ୍ରତ୍ୟାହୃତ

**ନୂଆଦିଲ୍ଲୀ, ୨୧।୩**

ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନ ଏବଂ କେନ୍ଦ୍ରୀୟ ଶ୍ରମ କମିଶନରଙ୍କ ମଧ୍ୟରେ ବୈଠକ ପରେ ଆସନ୍ତା ୨୪ ଓ ୨୫ରେ ହେବାକୁ ଥିବା ଦୁଇ ଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ପ୍ରତ୍ୟାହୃତ ହୋଇଛି। ୟୁଏଫବିୟୁ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ୫ ଦିନିଆ ବ୍ୟାଙ୍କିଂ ସପ୍ତାହ, ନିଯୁକ୍ତି ଏବଂ କାର୍ଯ୍ୟଦକ୍ଷତା ସହ ଜଡିତ ପ୍ରୋତ୍ସାହନ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଭାରତୀୟ ବ୍ୟାଙ୍କ ସଂଘ ଏବଂ ଆର୍ଥିକ ସେବା ବିଭାଗର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଡିଏଫଏସ ଯୁଗ୍ମ ସଚିବ ଭିଡିଓ କଲ




ମାଧ୍ୟମରେ ଯୋଗ ଦେଇଥିଲେ।

ବୈଠକରେ ଆଲୋଚନା ଫଳପ୍ରଦ ହୋଇଥିଲା ଏବଂ କେନ୍ଦ୍ରୀୟ ଶ୍ରମ କମିଶନର ପ୍ରତିଶ୍ରୁତି ଦେଇଥିଲେ ଯେ ସେ ବ୍ୟକ୍ତିଗତ ଭାବରେ ଏକ କାର୍ଯ୍ୟ ଦିବସର କାର୍ଯ୍ୟକାରିତା ଉପରେ ନଜର ରଖିବେ। ଆଇବିଏ ନିଯୁକ୍ତି, ପିଏଲଆଇ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଅଧିକ ଆଲୋଚନା କରିବାକୁ ମଧ୍ୟ ପ୍ରସ୍ତାବ ଦେଇଛି। ଏହି ସକାରାତ୍ମକ ଆଲୋଚନାକୁ ଦୃଷ୍ଟିରେ ରଖି ଆମେ *(ପୃଷ୍ଠା ୭ରେ)*

# ଦିଲ୍ଲୀ ହାଇକୋର୍ଟ ବିଚାରପତିଙ୍କ ଘରୁ ମିଳିଲା ପୁଳା ପୁଳା ଟଙ୍କା

## କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସୁପ୍ରିମକୋର୍ଟ କଲେଜିୟମ

**ନୂଆଦିଲ୍ଲୀ, ୨୧।୩**

ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶୱନ୍ତ ବର୍ମାଙ୍କ ବଦଳି ପାଇଁ ସୁପାରିସ କରିଛନ୍ତି ସୁପ୍ରିମକୋର୍ଟ କଲେଜିୟମ। ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ନେତୃତ୍ୱାଧୀନ ତିନି ଜଣ ବରିଷ୍ଠ ବିଚାରପତିଙ୍କ କଲେଜିୟମ ଜଷ୍ଟିସ ବର୍ମାଙ୍କୁ ତାଙ୍କର ମୂଳ ହାଇକୋର୍ଟ ଅର୍ଥାତ ଆହ୍ଲାବାଦ ହାଇକୋର୍ଟକୁ ବଦଳି ସୁପାରିସ କରିଛନ୍ତି। ସୁପ୍ରିମକୋର୍ଟ କଲେଜିୟମଙ୍କ ଏହି ନିଷ୍ପତ୍ତି ହଇଚଇ ସୃଷ୍ଟି କରିଛି। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଏଭଳି ନିଷ୍ପତ୍ତି କାହିଁକି ନିଆଗଲା ? ତେବେ ଏହାର କାରଣ ହେଉଛି ପୁଳା ପୁଳା ଟଙ୍କା।





ସୂଚନା ଅନୁଯାୟୀ, କିଛିଦିନ ପୂର୍ବେ ଜଷ୍ଟିସ ଯଶୱନ୍ତ ବର୍ମାଙ୍କ ସରକାରୀ ବଙ୍ଗଳାରେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲିଭାଇବାକୁ ଯାଇଥିବା ଦମକଳ ବାହିନୀ ସେଠାରେ ବିପୁଳ ପରିମାଣର ଟଙ୍କା ପାଇଥିଲେ। ବିପୁଳ ପରିମାଣର ଟଙ୍କା ମିଳିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ଜଷ୍ଟିସ ବର୍ମାଙ୍କ ଘରୁ ବିପୁଳ ପରିମାଣର ଟଙ୍କା ମିଳିବା ଖବର ପାଇବା ପରେ ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟ କଲେଜିୟମ ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରିବାକୁ ନିଷ୍ପତ୍ତି ନେଇଛନ୍ତି।

କୁହାଯାଉଛି ଯେ, ଯେଉଁ ସମୟରେ ଘରେ ନିଆଁ ଲାଗିଲା ଓ ଟଙ୍କା ଜବତ ହେଲା, ସେ ସମୟରେ ଜଷ୍ଟିସ ଯଶୱନ୍ତ ବର୍ମା ସହରରେ ନଥିଲେ। ନିଆଁ ଲାଗିଥିବା ନେଇ ତାଙ୍କ ପରିବାର ଲୋକେ ଅଗ୍ନିଶମ ବାହିନୀ ଏବଂ ପୁଲିସକୁ ଫୋନ *(ପୃଷ୍ଠା ୭ରେ)*

### ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ନିର୍ଦ୍ଦେଶ

## କଥା ନମାନିଲେ ଆନ୍ଦୋଳନର ଚେତାବନୀ ଦେଲେ ସେବାୟତ

**ପୁରୀ, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

ଶ୍ରୀଜୀଉଙ୍କ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଶୃଙ୍ଖଳିତ ଯାତ୍ରା ଶେଷ ପାଇଁ ବିଚାରବିମର୍ଷ ରଥକାଠ ଯୋଗାଣ, ବାସୁଙ୍ଗା ପାଟ, ଚନ୍ଦନ, ରଥ ଦଉଡି ଆଦି ଯୋଗାଣ ନେଇ ହୋଇଛି ଆଲୋଚନା। ଜୁନ ୨୭ ତାରିଖରେ ଆଷାଢ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ତିନି ଠାକୁରଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ଦିବ୍ୟଯାତ୍ରାରେ ଦେଶ ବିଦେଶରୁ ଲକ୍ଷାଧିକ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାବେଳେ ଶୃଙ୍ଖଳିତ ରଥଯାତ୍ରା ସମାପନ ନେଇ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ *(ପୃଷ୍ଠା ୭ରେ)*

## ଏକାଳ ପଖାଳ




ଛୁଆଟୋକା ବୁଢା ସବୁ ଅସମ୍ଭାଳ
ଆଇପିଏଲ୍ ଷ୍ଟାର୍ଟ କାଲି
ରୟାଲ ଚାଲେଞ୍ଜ କୋଲକାତା ଦୁହେଁ
ଆରମ୍ଭ କରିବେ ରାଲି
ମନ ଛନଛନ ଖାଲି
ଫଟାଫଟ ଖେଳ ବାଇଆ କରିବ
ପାଠ ସବୁ ଯିବେ ଭୁଲି।

# କଳା ପୋଷାକ ପିନ୍ଧି ଘଣ୍ଟ ଓ ମହୁରୀ ବଜାଇ କଂଗ୍ରେସ ବିଧାୟକଙ୍କ ପ୍ରତିବାଦ : ପ୍ରଥମାର୍ଦ୍ଧ ବୈଠକ ଅଚଳ



**ଭୁବନେଶ୍ୱର, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ବିଧାନସଭାରେ ବିରୋଧୀ କଂଗ୍ରେସ ଓ ବିଜେଡି ବିଧାୟକମାନଙ୍କ ଅଭିନବ ପ୍ରତିବାଦ ଓ ହଟ୍ଟଗୋଳ ଯୋଗୁ ପ୍ରଥମାର୍ଦ୍ଧ ବୈଠକ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିଲା। ଏପରିକି ହଟ୍ଟଗୋଳ ଯୋଗୁ ପ୍ରଶ୍ନୋତ୍ତର, ଶୂନ୍ୟକାଳ କିମ୍ବା ମୁଲତବୀ ପ୍ରସ୍ତାବ କିଛି ବି ଆଲୋଚନା ହୋଇପାରିନଥିଲା। ମହିଳା ନିର୍ଯ୍ୟାତନା ପ୍ରସଙ୍ଗରେ କଂଗ୍ରେସ ବିଧାୟକ ମାନେ ଶୁକ୍ରବାର ବିଧାନସଭାର ପ୍ରଶ୍ନୋତ୍ତର କାଳ ଆରମ୍ଭ ହେବା ମାତ୍ରେ ଗୃହର ମଧ୍ୟ ଭାଗକୁ ଚାଲିଆସି ଘଣ୍ଟ, ତୁରୀ ବଜାଇ ପ୍ରତିବାଦ ଜଣାଇଥିଲେ। ସେମାନେ କଳା ପୋଷାକ ପରିଧାନ କରିଥିଲେ ଏବଂ ହାତରେ ଘଣ୍ଟ ଓ ମହୁରୀ ଧରି ବଜାଇ ବଜାଇ ଗୃହର ମଧ୍ୟ ଭାଗକୁ ଚାଲିଆସି ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ବିଜେଡି ବିଧାୟକ ମାନେ ଗୃହରେ ବିରୋଧୀ ମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରିବା ସହ ଗୃହ କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ବନ୍ଦ କରାଯାଇଥିବା ପ୍ରତିବାଦରେ ହଟ୍ଟଗୋଳ କରିଥିଲେ। ଗୃହରେ ସୃଷ୍ଟି *(ପୃଷ୍ଠା ୭ରେ)*

# ଆହୁରି ୪ ଦିନ କାଳବୈଶାଖୀ ତାତିରୁ ମିଳିବ ଆଶ୍ୱସ୍ତି

**ଭୁବନେଶ୍ୱର, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

ମାର୍ଚ୍ଚ ଆରମ୍ଭରୁ ରେକର୍ଡ ଅତିକ୍ରମ କରୁଛି ତାତି। ରାଜ୍ୟରେ ପାରଦ ୩୬ ଡିଗ୍ରୀ ଉପରେ ରହୁଛି। ଗୁରୁବାର ଟିଟିଲାଗଡ଼ରେ ତାପମାତ୍ରା ଥିଲା ୪୦.୫ ଡିଗ୍ରୀ ସେଲସିୟସ। ସେହିଭଳି ବୌଦ୍ଧରେ ତାପମାତ୍ରା ମଧ୍ୟ ୪୦ ଡିଗ୍ରୀ ଛୁଇଁଥିଲା। ତେବେ ଏଭଳି ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ଦେଇଛି କାଳବୈଶାଖୀ ବର୍ଷା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ମୟୂରଭଞ୍ଜ ଜିଲ୍ଲା ତଥା ବାରିପଦାରେ କାଳବୈଶାଖୀ ପ୍ରଭାବରେ ସର୍ବାଧିକ ୪୨.୮



ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ସୂଚନା ଅନୁଯାୟୀ, ଆସନ୍ତା ୫ ଦିନ ପାଇଁ କାଳବୈଶାଖୀ ପ୍ରଭାବରେ ବର୍ଷା ତଥା ବିଜୁଳି ଓ ଘଡ଼ଘଡ଼ି ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ବିଶେଷକରି ଦକ୍ଷିଣ ଓ ଉପକୂଳ ଓଡ଼ିଶାର *(ପୃଷ୍ଠା ୭ରେ)*

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଦେଶର ୪୦.୧ ପ୍ରତିଶତ ସମ୍ପତ୍ତି ଧନୀ ଲୋକଙ୍କ ପାଖରେ

ଭାରତରେ ଆୟ ବୈଷମ୍ୟ ଏକ ଚିନ୍ତାଜନକ ସ୍ତରରେ ପହଞ୍ଚିଯାଇଛି। ଧନୀକ ଶ୍ରେଣୀର ଲୋକମାନଙ୍କ ପାଖରେ ବିପୁଳ ସମ୍ପତ୍ତି ଥିବା ବେଳେ ଗରିବ ଲୋକମାନେ ଠିକ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳିନଥିଲା। ବର୍ତ୍ତମାନ ସମୟର ସ୍ଥିତି ଉପନିବେଶବାଦ ବେଳର ସ୍ଥିତିଠାରୁ ଖରାପ ରହିଛି। ପରାଧୀନ ସମୟରେ ମଧ୍ୟ ଦେଶରେ ଆୟ ବୈଷମ୍ୟର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିନଥିଲା। ୱାର୍ଲଡ୍ ଇନ୍‌ଇକ୍ୱାଲିଟି ଲ୍ୟାବର ଏକ ରିପୋର୍ଟ ଅନୁଯାୟୀ ଦେଶ ଜନସଂଖ୍ୟାର ୧ ପ୍ରତିଶତ ବଡ଼ ଧନୀଙ୍କ ପାଖରେ ଜାତୀୟ ଆୟର ସିଂହ ଭାଗ ଅର୍ଥାତ ୨୨.୬ ପ୍ରତିଶତ ଧନ ରହିଛି। ଆର୍ଥିକ ସ୍ତରରେ ଦୁର୍ବଳ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ଲୋକଙ୍କ ପାଖରେ ଜାତୀୟ ଆୟର ମାତ୍ର ୧୫ ପ୍ରତିଶତ ରହିଛି। ଜାତୀୟ ସମ୍ପତ୍ତିର ଉପଯୁକ୍ତ ବଣ୍ଟନକୁ ନିଶ୍ଚିତ କରିବା ଲାଗି ଟିକସ ନିୟମରେ ପରିବର୍ତ୍ତନ ଆଣିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ଦେଶ ଜନସଂଖ୍ୟାରେ ଥିବା ୧ ପ୍ରତିଶତ ଅତି ବଡ଼ ଧନୀଙ୍କ ପାଖରେ ଭାରତରେ ଯେତିକି ସମ୍ପତ୍ତି ରହିଛି, ତାହା ବ୍ରାଜିଲ ଓ ଆମେରିକାରେ ବି ନାହିଁ। ୧୯୪୭ରେ ବ୍ରିଟିସ୍ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହେବା ପରେ ୧୯୯୨ରେ ଭାରତ ଅର୍ଥନୀତିରେ ସଂସ୍କାର ଆଣିଥିଲା। ଏହାପରଠାରୁ ଦେଶରେ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସଂଖ୍ୟାରେ ନିୟମିତ ବୃଦ୍ଧି ଘଟୁଛି। ଭାରତରେ ଏବେ ବିଲିଓନେୟାର ରାଜ ଚାଲିଛି ବୋଲି ରିପୋର୍ଟରେ କୁହାଯାଇଛି। ୨୦୨୩ରେ ଦେଶର ୪୦.୧ ପ୍ରତିଶତ ସମ୍ପତ୍ତି ଧନୀ ଲୋକଙ୍କ ପାଖରେ ଥିଲା ଯାହା ୧୯୬୧ ପରେ ସର୍ବାଧିକ। ମୋଟ ଆୟରେ ଧନୀଙ୍କ ଭାଗ ୨୨.୬ ପ୍ରତିଶତ ରହିଛି ଯାହା ୧୯୯୨ ପରଠାରୁ ସର୍ବାଧିକ। ରିପୋର୍ଟରେ କୁହାଯାଇଛି ଯେ ଶିକ୍ଷାର ଅଭାବ ଯୋଗୁଁ ବହୁ ଲୋକ ସ୍ୱଳ୍ପ ବେତନରେ ଫସିରହିଛନ୍ତି। ସେଥିପାଇଁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଓ ମଧ୍ୟବିତ୍ତ ବର୍ଗର ୪୦ ପ୍ରତିଶତ ଲୋକଙ୍କ ଅଭିବୃଦ୍ଧି ଆଶାନୁରୂପ ହୋଇପାରିନାହିଁ। ୧୯୬୧ରେ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକଙ୍କ ସଂଖ୍ୟା ଦେଶରେ ମାତ୍ର ଏକ ଥିଲା। ୨୦୨୨ରେ ସେଭଳି ଲୋକଙ୍କ ସଂଖ୍ୟା ୧୬୨ରେ ପହଞ୍ଚିଛି। ଦେଶର ଦୁଇ ବଡ଼ ଧନୀ ହେଉଛନ୍ତି ମୁକେଶ ଅମ୍ବାନି ଓ ଗୌତମ ଆଦାନି। ଦେଶର ୧୦,୦୦୦ ବଡ଼ ଧନୀଙ୍କ ପାଖରେ ହାରାହାରି ଭାବେ ୨୨,୬୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦେଶର ଜଣେ ସାଧାରଣ ଲୋକଙ୍କ ସମ୍ପତ୍ତି ତୁଳନାରେ ତାହା ୧୬,୭୬୩ ଗୁଣା ଅଧିକ।



## ଗୀତାମୃତ ଲହରୀ

ଦେହଟି ଧରମ କ୍ଷେତ୍ର ରଥ ସ୍ୱରୂପ — ଜାଣିଥା ବାବୁ
ସତ୍ୟ, ଶାନ୍ତି, ଦୟା, କ୍ଷମା ଚାରି ଘୋଡ଼ାକୁ — ଯୋଚିଣ ଦେବୁ
ମନ ଦଉଡ଼ି — ବିବେକ ଛଡ଼ି
ସତ୍‌ପଥେ ଚଳାଅ ରଖି ବ୍ରହ୍ମରେ ଲୟ ।୩।
ପ୍ରକୃତି କୌରବଗଣ ସଙ୍ଗତେ ଲଢ଼ — ବାନ୍ଧି ସାହସ
କରମ କରିଯା ହସି କେବେ ହେଁ ମନେ — ନୋହି ବିରସ
ଫଳ କାମନା — ଫାଶେ ପଡ଼ନା
କହେ ବଇକୁଣ୍ଠ ହେବ ପରମ ଶ୍ରେୟ ।୪ । (କ୍ରମଶଃ)

# କଥା କଳିକାର ୧୧ତମ ଜନ୍ମଦିନ ଅବସରରେ ସଂଘମିତ୍ରା ମିଶ୍ରଙ୍କ ବକ୍ତବ୍ୟର ସଂପାଦିତ ଅଂଶ



ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର
ସହିଦ ନଗର
ଫୋନ-୯୪୩୭୦୧୯୧୩୩

"କଥାକଳିକା'ର ୧୧ତମ ବାର୍ଷିକ ଉତ୍ସବ। ୧୧ବର୍ଷ ତଳେ ଏହି ପତ୍ରିକା ଭୂମିଷ୍ଠ ହୋଇଥିଲା । ୩୦ ବର୍ଷର "ସମ୍ବାଦକଳିକା'ର କନିଷ୍ଠ ସହଯୋଗୀ ଭାବରେ। ୧୯୧୪ ମାର୍ଚ୍ଚ ୧୧ ତାରିଖରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ମାର୍ଚ୍ଚ ୭ତାରିଖରେ ଅନୁଷ୍ଠିତ ହୋଇଛି କର୍ମବୀର ଗୌରୀଶଙ୍କରଙ୍କର ଶ୍ରାଦ୍ଧ ଦିବସ। ଆଜି ଆମେ ପ୍ରଥମେ ସେହି ମହାପୁରୁଷଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହିତ ସ୍ମରଣ କରିବା। ସେ ଓଡ଼ିଆ ସାମ୍ବାଦିକତାର ଆଦି ପୁରୁଷ ଭାବରେ ପ୍ରଣମ୍ୟ। ୧୩.୭.୧୮୩୮ରୁ ୭.୨.୧୯୧୭ ଥିଲା ତାଙ୍କର ଆୟୁଷ୍କାଳ। ଯେତେବେଳେ ନ'ଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜନଜୀବନର ମେରୁଦଣ୍ଡ ଭାଙ୍ଗି ଦେଇଥିଲା ସେତେବେଳେ ଜଣେ ବ୍ୟକ୍ତି ପ୍ରତିଷ୍ଠା କରିଥିଲେ "ଉତ୍କଳ ଦୀପିକା"। ସେହି ୧୮୬୬ କବଳରୁ ମୁକ୍ତ କରି ଓଡ଼ିଆମାନଙ୍କୁ ଦମ୍ଭ ଦେବାକୁ ସେ ବଜ୍ରଗମ୍ଭୀର କଣ୍ଠରେ ଉଚ୍ଚାରଣ କରିଥିଲେ ଯେ ସେ ପୁଣିଥରେ ଓଡ଼ିଶାକୁ ନୂଆ କରି ଗଢିଦେବେ। ଯୁଗଯୁଗ ଧରି ସାହିତ୍ୟ ଏହି ଗଢିବା କାମଟି କରିଥାଏ। ୧୮୬୬ ଅଗଷ୍ଟ ୪ତାରିଖରେ ''ଉତ୍କଳ ଦୀପିକା'' ପ୍ରଥମେ ପ୍ରକାଶିତ ହେଲା। ୧୮୬୫ରେ ବାବୁ ବିଚିତ୍ରାନନ୍ଦ ଦାସଙ୍କ ସହିତ ମିଶି ସେ ପ୍ରତିଷ୍ଠା କରିଥିଲେ କଟକ ପ୍ରିଣ୍ଟିଂ ପ୍ରେସ। ''ଉତ୍କଳ ଦୀପିକା'' ପ୍ରତି ଜନତାର ଆଗ୍ରହ ଦେଖି ଉତ୍କଳକବି ମଧୁସୂଦନ ରାଓ ଦେଖିଥିଲେ-

"ନବଯୁଗ ଭାଷା ପ୍ରଭା ଦୀପିକା ପ୍ରକାଶି
ଧନ୍ୟ ତୁମ୍ଭେ ଏ ଉତ୍କଳେ ସୁକୃତ କଳାସୀ"

ଓଡ଼ିଶାରେ ନବଜାଗରଣ ଦିନ ମାସ ବା ବର୍ଷକ ଭିତରେ ଆସିନାହିଁ। ତାହା ଆସିଚି ଗୋଟିଏ ଗୋଟିଏ ପାଦ ପକାଇ। ଯେମିତି ରେଲୱେ ପ୍ରତିଷ୍ଠା, ସ୍କୁଲ କଲେଜ ସ୍ଥାପନ, ହଷ୍ଟେଲ ସୁବିଧା, ବିଭିନ୍ନ ସଭାସମିତି, ପତ୍ରପତ୍ରିକା ପ୍ରକାଶନ ଇତ୍ୟାଦି। ଏସବୁ କାର୍ଯ୍ୟର ସମ୍ମୁଖ ଭାଗରେ ଅଛନ୍ତି କର୍ମବୀର ଗୌରୀଶଙ୍କର ରାୟ। କଟକ ଜିଲ୍ଲା ଅସୁରେଶ୍ୱର ନିକଟସ୍ଥ ଦୀକ୍ଷିତପଡ଼ାରେ ଜନ୍ମ ଏହି ପ୍ରତିଭା ସତେ ଯେପରି ଓଡ଼ିଶାବାସୀଙ୍କୁ ନବଜାଗରଣ ମନ୍ତ୍ରରେ ଦୀକ୍ଷିତ କରିଛନ୍ତି। ସେ କଟକ ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ହୁଗୁଳିରେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ଓଡ଼ିଶା ଫେରି ସେ ମାସିକ ୨୦/- ବେତନରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା କରିଥିଲେ। ସେ କବିବର ରାଧାନାଥ ରାୟ- ବୈକୁଣ୍ଠ ନାଥ ଦେ ଓ ମଧୁସୂଦନ ଦାସ ପ୍ରଭୃତିଙ୍କର ଶିକ୍ଷକ ଥିଲେ। ଜାତି ନିର୍ମାଣରେ ଶିକ୍ଷକଙ୍କର ଯୋଗଦାନ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସେ ବହୁଭାବରେ ପ୍ରମାଣିତ କରିପାରିଛନ୍ତି। ପରେ ସେ କଟକ କମିଶନର ଅଫିସରେ କିରାଣୀ ଭାବେ ଯୋଗ ଦେଇଥିଲେ। କଟକ ହିଁ ତାଙ୍କ ଭିତରେ ଥିବା ଓଡ଼ିଶା ଓ ଓଡିଆ ପ୍ରୀତି ଜାଗ୍ରତ କରିବାରେ ସହାୟକ ହୋଇଥିଲା। ଓଡ଼ିଆମାନଙ୍କୁ ଏକତ୍ର କରିବାକୁ ସେ ଓଡିଆ ଭାଷା ଉଦ୍ଦିପନୀ ସଭା ଓ ଉତ୍କଳ ଭୟସିନୀ ସଭାର ପ୍ରତିଷ୍ଠା କରି ନିଜେ ତାର ସଂପାଦକ ହୋଇଥିଲେ। ଉଚ୍ଚଶିକ୍ଷା ପାଇଁ କଲେଜ ହେବାର ଆବଶ୍ୟକତା ସେ ଅନୁଭବ କରିଥିଲେ। ତେଣୁ ବ୍ୟକ୍ତିଗତ ଉଦ୍ୟମରେ ସେ ୩୦୦୦/- ଟଙ୍କା ଚାନ୍ଦା ସଂଗ୍ରହ କରି କଟକ କଲେଜ (ପରେ ରେଭେନ୍‌ସା କଲେଜ) ପାଇଁ ପ୍ରଦାନ କରିଥିଲେ। ପ୍ୟାରୀ ମୋହନ ଏକାଡେମୀ ପ୍ରତିଷ୍ଠା ସହିତ ମଧ୍ୟ ସେ ଜଡିତ ଥିଲେ। ଗ୍ରାମାଞ୍ଚଳରୁ ଉଚ୍ଚଶିକ୍ଷା ପାଇଁ ସହରକୁ ଆସୁଥିବା ଛାତ୍ରମାନଙ୍କ ପାଇଁ ହଷ୍ଟେଲର ସୁବିଧା କରିବାକୁ ସେ ଏକାଧିକ ହଷ୍ଟେଲ ସ୍ଥାପନ କରାଇଥିଲେ।

ରାମଶଂକର ରାୟ ଥିଲେ ତାଙ୍କର ସାନ ଭାଇ। "ଉତ୍କଳ ଭ୍ରମଣ"ରେ ଫକୀରମୋହନ ଲେଖିଛନ୍ତି ହେ ରାମଶଙ୍କର ଭାଇ ମାନୁଛି ତୁମକୁ ହୋଇପାର ଭାର ତୁମେ ଗଉରୀପଛକୁ ଓଡ଼ିଆ ନାଟକ ଆଉ ନଭେଲର ଲେଖା ପ୍ରଥମରେ ତୁମ ଠାରେ ହେଲା ସିନା ଦେଖା"

ଏଠାରେ ସେ 'କାଞ୍ଚିକାବେରୀ' କଥା ହିଁ ଉଲ୍ଲେଖ କରିଛନ୍ତି। ଓଡ଼ିଆ ନାଟକ ରଚନା ଓ ପରିବେଷଣ ଗୃହୀତ ହେବ କି ନାହିଁ, ହୁଏତ ତାଙ୍କ ଭିତରେ କିଞ୍ଚିତ୍ ଦ୍ୱିଧାଥିଲା। ତେଣୁ ସେ ନଟନଟୀ (ପ୍ରସ୍ତାବନା)ଙ୍କ ମାଧ୍ୟମରେ ସୂଚନା ଦେଇଛନ୍ତି- ଓଡ଼ିଆ ଭାଷାରେ ଭାବ ପ୍ରକାଶନର ଅପୂର୍ବ କ୍ଷମତା ରହିଛି "ଘଷା ଖାଇଲେ ହିଁ ବୀଣାର ତାରରୁ ସୁସ୍ୱର ବାହାରେ" ଅର୍ଥାତ୍ ବାରମ୍ବାର ବ୍ୟବହୃତ ହେଲେ ହିଁ ଭାଷା ମାର୍ଜିତ ହୋଇଥାଏ। କର୍ମବୀର ଗୌରୀଶଙ୍କର ଉତ୍କଳ ସଭା ଓ ଉତ୍କଳ ସମ୍ମିଳନୀ ସହିତ ମଧ୍ୟ ଜଡିତ ଥିଲେ। ସେ କଟକ ଟାଉନ ହଲର ପ୍ରତିଷ୍ଠାତା ଥିଲେ। କଟକ ପ୍ରିଣ୍ଟିଂ ପ୍ରେସରୁ ତାଙ୍କ ଆଗ୍ରହ ଫଳରେ ଅନେକ ଧର୍ମଗ୍ରନ୍ଥ ଓ ପ୍ରାଚୀନ ସାହିତ୍ୟ ଗ୍ରନ୍ଥ ମୁଦ୍ରିତ ହୋଇଥିଲା। ଉତ୍କଳରେ ନବଜାଗରଣର ଏହି ସୂତ୍ରଧର ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ ପରଲୋକ ଗମନ କରିଥିଲେ। ତାଙ୍କ ସାଧନା ଥିଲା ଅପୂର୍ବ ଯାହାର ସୁଫଳ ଆମେ ଭୋଗ କରୁଛେ। ଆଜି "ଅସ୍ମିତା'କୁ ନେଇ ଅନେକ ଭାଷଣ ପ୍ରଦାନ କରାଯାଇଛି। ସେ ସମୟରେ ନିଜର ପ୍ରତ୍ୟେକ ପଦପାତରେ ଅସ୍ମିତାକୁ ସ୍ୱାଗତ କରିଥିବା ବ୍ୟକ୍ତିଙ୍କ ସ୍ମୃତିଚାରଣ ଆମର କର୍ତ୍ତବ୍ୟ।

ମୋର ମନେହୁଏ କର୍ମବୀର ଗୌରୀଶଙ୍କର ନିଜର କଲମଟିକୁ ପୁତ୍ରବଧୂ ସୁପ୍ରଭା ରାୟଙ୍କୁ ସାଇତି ରଖିବାକୁ ପ୍ରଦାନ କରିଥିଲେ। ମାନନୀୟ ଶ୍ରୀମତୀ ରାୟ ତାଙ୍କୁ ନେଇ ଅନୁବାଦ ମାଧ୍ୟମରେ ସଂପ୍ତସିନ୍ଧୁ ଦଶଦିଗନ୍ତ ଦୀର୍ଘକାଳ ପରିକ୍ରମା କଲେ ଆଉ ପରମ ଆହ୍ଲାଦରେ ତାହା ନିଜର ସୁପୁତ୍ର ଜୟାଶୀଷ ରାୟଙ୍କୁ ପ୍ରଦାନ କରିଛନ୍ତି। ଆମେ ଜାଣୁ 'ପିତାମାତା ସୁକୃତରୁ ପୁତ୍ରହୁଏ ସୁଖୀ, ସୁପୁତ୍ର ଜାତ ହୋଇଲେ କୁଳଧର୍ମ ରଖି'। ସେହି "କୁଳଧର୍ମ' ରକ୍ଷାକାରୀ ପୁତ୍ର ହେଉଛନ୍ତି ଜୟାଶୀଷ ରାୟ, ଯିଏ "ସମ୍ବାଦ କଳିକା" ଓ "କଥାକଳିକା"ର ସଫଳ ସଂପାଦକ ଭାବେ ନିଜକୁ ପ୍ରମାଣ କରିଚାଲିଛନ୍ତି। "ଉତ୍କଳ ଦୀପିକା"ର ପୁନଃପ୍ରକାଶନ ତାଙ୍କ ସାମର୍ଥ୍ୟର ଆଉ ଏକ ଦିଗନ୍ତ, ଏହା ଅବଶ୍ୟ ସ୍ୱୀକାର୍ଯ୍ୟ।

# ସୁନାର ଚାହିଦା



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭



ଇତିହାସକୁ ଯଦି ଅବଲୋକନ କରିବା ତେବେ ଆମକୁ ଖ୍ରୀଷ୍ଟ ପୂର୍ବ ୪୦୦୦ ବର୍ଷ ତଳକୁ ଯିବାକୁ ପଡିବ, ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅନୁଯାଇ ପ୍ରାଚୀନ ମେସୋପଟାମିଆ ଯାହାକି ବର୍ତ୍ତମାନ ଇରାକ ରୂପେ ନାମିତ ହୋଇଅଛି ସେହିଠାରେ ସ୍ୱର୍ଣ୍ଣ ଏବଂ ସ୍ୱର୍ଣ୍ଣ କଳାକୃତିର ଆରମ୍ଭ ହୋଇଛି ବୋଲି କୁହା ଯାଇପାରେ। ଖ୍ରୀଷ୍ଟ ପୂର୍ବ ୨୫୦୦ ସମୟରେ ସୁମେରୀୟ ମାନେ 'ଲୁଇସ ବକ୍ସ' ବ୍ୟବହାର ସହିତ ଆଲୁଭିଆଲ୍ ଜମା ( ତୈଳ , ପଙ୍କ ତଥା ଅନ୍ୟାନ୍ୟ ପଦାର୍ଥ ଯାହାକି ପ୍ରବାହିତ ଜଳ ଦ୍ୱାରା ଏକତ୍ରିତ ହୋଇ ଥାଏ ) ଏବଂ ଭୂତଳ ଖଣିରୁ ସୁନା ବାହାର କରିବା ପାଇଁ କୌଶଳ ପ୍ରସ୍ତୁତ କରିଥିଲେ । ଖ୍ରୀଷ୍ଟପୂର୍ବ ୨୫୦୦ ମସିହାରେ ପ୍ରଥମ ଇଜିପ୍ଟ ରାଜବଂଶର ଜଣେ ରାଜାଙ୍କ ସମାଧିରେ ସୁନା ଅଳଙ୍କାର ମିଳିଥିଲା । ମିଶରୀୟ ମାନେ ଅଳଙ୍କାର, ଧାର୍ମିକ ବସ୍ତୁ ଏବଂ ମୁଦ୍ରା ପାଇଁ ସୁନା ବ୍ୟବହାର କରୁଥିଲେ । ସୁନା ପାଇଁ ଇଜିପ୍ଟର ସବୁଠାରୁ ଧନୀ ଅଞ୍ଚଳ ଥିଲା ନୁବିଆ, ଯେଉଁଠାରେ ବିଶ୍ୱର ପ୍ରଥମ ସକ୍ରିୟ ସୁନା ଖଣି ନିର୍ମାଣ ହୋଇଥିବା ଜଣାପଡିଛି । ପୃଥିବୀରେ ଏହି ସୁନା ପାଇଁ ଅନେକ ଯୁଦ୍ଧ ହୋଇଛି, ଲୁଟ୍ ହୋଇଛି ତଥାପି ସୁନାର ଆକର୍ଷଣ ରହିଥିଲା, ରହିଛି ଏବଂ ଆଗକୁ ମଧ୍ୟ ରହିବ । ଦର ଯେତେ ବଢ଼ିଲେ ମଧ୍ୟ ଗ୍ରାହକ ସୁନା କିଣିବେ ଏବଂ ଭବିଷ୍ୟତ ନିମନ୍ତେ ଗଚ୍ଛିତ ରଖିବେ । ବର୍ତ୍ତମାନ ସୁନାର ଚାହିଦା, ସୁନାର ଚୋରା କାରବାର ତଥା ସୁନା ଦ୍ୱାରା ଆତଙ୍କବାଦୀ କାର୍ଯ୍ୟକଳାପକୁ କିପରି ପ୍ରୋତ୍ସାହନ ମିଳୁଛି ତାହା ଉପରେ କିଛି ଆଲୋକପାତ କରିବା ।

ନିକଟ ଅତୀତରେ କନ୍ନଡ଼ ଅଭିନେତ୍ରୀ ରାନ୍ୟା ରାଓ ବେଙ୍ଗାଲୁରୁ ଅନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ୧୪.୨ କିଲୋଗ୍ରାମ ଅଘୋଷିତ ଚୋରା ସୁନା ଦୁବାଇରୁ ଆଣିବା ସମୟରେ ଧରା ହୋଇ ଗିରଫ ହେଲେ ଯାହାର ମୂଲ୍ୟ ପ୍ରାୟ ୧୨.୫୬ କୋଟି ଟଙ୍କା ହେବ। ତାଙ୍କ ବାପା କର୍ଣ୍ଣାଟକ ରାଜ୍ୟ ପୋଲିସର ସର୍ବୋଚ୍ଚ କର୍ତ୍ତା ଏବଂ ଝିଅ ରାନ୍ୟା ରାଓ ଏକ ଅଭ୍ୟାସଗତ ଚୋରା ସୁନା ବାହକ ବା ଏଜେଣ୍ଟ, ବାପାଙ୍କ କ୍ଷମତାର ଅପବ୍ୟବହାର କରି ଝିଅ ଅଳ୍ପ ଦିନ ମଧ୍ୟରେ କୋଟି କୋଟି ଟଙ୍କାର ମାଲିକାଣି ହୋଇ ପାରିଛନ୍ତି ହୁଏତ ତାଙ୍କ ସ୍ୱାମୀ ମଧ୍ୟ ଉକ୍ତ କାର୍ଯ୍ୟରେ ତାଙ୍କୁ ସହଯୋଗ କରି ଆସିଛନ୍ତି । କେବଳ ଏହି ମହିଳା ଜଣକ ନୁହେଁ ଏହିପରି ଅନେକ ଅଭ୍ୟାସଗତ ବ୍ୟକ୍ତି ବିଶେଷ ଏହିପରି କୁତ୍ସିତ କାର୍ଯ୍ୟରେ ଲିପ୍ତ , କିଛି ସରକାରୀ ବାବୁ, ଏଆର୍ ହୋଷ୍ଟେସ୍, ବିମାନ ବନ୍ଦର କର୍ମଚାରୀ, ଚୋରା ବେପାରୀ ମାନଙ୍କ ଏଜେଣ୍ଟ ସାଜିଛନ୍ତି। କେହି ମଳ ଦ୍ୱାର/ ଯୌନାଙ୍ଗ ଭିତରେ ତ କେହି ଜୋତା ଚପଲ, ଖେଳନା, ଆଶାବାଡ଼ି, ଚୁଟି, ପ୍ରସାଧନ ସାମଗ୍ରୀ ଭିତରେ ତ କେହି ଅନ୍ତଃ ବସ୍ତ୍ର ଭିତରେ ତ କେହି ତରଳ ପ୍ରଲେପ ଦ୍ୱାରା ନିଜ ବସ୍ତ୍ର ମଧ୍ୟରେ ଆଣି ଥା'ନ୍ତି। କେବଳ ବିମାନ ଦ୍ୱାରା ଏହି ଚୋରା କାରବାର ହୁଏ ନାହିଁ ଏଥି ପାଇଁ ଜଳପଥ , ସ୍ଥଳ ପଥ ତଥା ପଶୁ ପକ୍ଷୀ ମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରା ହୁଏ। ପ୍ରତି ବର୍ଷ ଟନ୍ ଟନ୍ ଚୋରା ସୁନା ଜବତ ହୁଏ ଦୋଷୀ କେତେ ଦଣ୍ଡ ପାଆନ୍ତି କେତେ ଜରିମାନା ଦେଇ ଖଲାସ ହୁଅନ୍ତି ତାହା ନ୍ୟାସନାଲ କ୍ରାଇମ ରେକର୍ଡ ରୁ ହିଁ ବୁଝା ପଡେ । ଚୋରା ସୁନା ଦ୍ୱାରା ଭାରତୀୟ ଅର୍ଥନୀତି ଦିନକୁ ଦିନ ଦୁର୍ବଳ ହୋଇ ଯାଉଛି ବୋଲି ଅନେକ ଗୁଣି ଜ୍ଞାନୀ ବ୍ୟକ୍ତିଙ୍କ ମତ, ଭାରତରେ ୮୭, ୫୦୦ କୋଟି ଟଙ୍କାର ଚୋରା ସୁନା କାରବାର କିଛି ଛୋଟ କଥା ନୁହେଁ । ତେବେ ଚୋରା ସୁନା ଦେଶ ଭିତରକୁ ଏତେ ମାତ୍ରାରେ କାହିଁକି ଆସୁଛି ? ଏହା ଦ୍ୱାରା ଚୋରା ବେପାରୀ କେତେ ଲାଭବାନ ହେଉଛନ୍ତି ? ଏହା ପଛରେ କେବଳ ଆମଦାନୀ ଶୁଳ୍କ ଠକିବାର ପ୍ରୟାସ ହେଉଛି ନା ଅନ୍ୟ କିଛି ? କଳେ ବଳେ କୌଶଳେ ସରକାରଙ୍କୁ ଶୁଳ୍କ ନଦେଇ ଚୋରା ସୁନା ଆଣି ପାରିଲେ ବ୍ୟବସାୟୀ ଲାଭବାନ ହୋଇ ପାରୁଛି । କଥାରେ ଅଛି 'ଲୋଭରୁ ପାପ ଏବଂ ପାପରୁ ମୃତ୍ୟୁ କିନ୍ତୁ ବର୍ତ୍ତମାନ ସମୟରେ ଲୋଭରୁ ପାପ ଏବଂ ପାପରୁ ବିଳାସପୂର୍ଣ୍ଣ ଜୀବନ, ଧରା ପଡିଲେ କିଛି ମାସର ଜେଲ ତା' ପରେ ପୁଣି ରାଜକୀୟ ଠାଣିରେ ଜୀବନଚର୍ଯ୍ୟା । ତେବେ ପୂର୍ବରୁ ଏହି ଶୁଳ୍କ ୧୫% ପ୍ରତିଶତ ଥିବା ବେଳେ ବର୍ତ୍ତମାନ ସରକାର ଚୋରା କାରବାର ଉପରେ ଅଙ୍କୁଶ ଲଗାଇବାକୁ ଯାଇ ସୁନା ଉପରୁ ଆମଦାନୀ ଶୁଳ୍କ ଜୁଲାଇ ୨୦୨୪ ମସିହା ଠାରୁ ହ୍ରାସ କରି ୬% ପ୍ରତିଶତ କରି ଦେଇଛନ୍ତି । ଏହା ଦ୍ୱାରା କିଛି ପରିମାଣରେ ଚୋରା ସୁନା କାରବାର କମାଇ ଦିଆ ଯାଇଛି, କିନ୍ତୁ ଚୋର ସଦା ସର୍ବଦା ଚୋରି କରିବ ହିଁ କରିବ , ୬% ପ୍ରତିଶତ ଆମଦାନୀ ଶୁଳ୍କ ମାନେ ପ୍ରତି କିଲୋଗ୍ରାମ ସୁନା ଦର ଯଦି ୯୦ ଲକ୍ଷ (୧୯ ମାର୍ଚ୍ଚ ୨୦୨୫ ସୁନା ଦର ଅନୁପାତରେ ) ତେବେ ତାହାର ୬% ପ୍ରତିଶତ ହେଉଛି ୫ ଲକ୍ଷ ୪୦ ହଜାର ଟଙ୍କା । ଏଠାରେ ଯଦି କନ୍ନଡ଼ ଅଭିନେତ୍ରୀଙ୍କ କଥା ଦେଖିବା ତେବେ ସେ ସାଥିରେ ଆଣିଥିବା ୧୪ .୨ କିଲୋଗ୍ରାମ ସୁନାର ମୂଲ୍ୟ ପ୍ରାୟ ୧୨.୫୬ କୋଟି (ଯାହା ସରକାରୀ ସ୍ତରରେ ଆକଳନ କରା ଯାଇ ଥିଲା) ଏବଂ ଏହାର ୬% ପ୍ରତିଶତ ହେଉଛି ୭୫.୩୬ ଲକ୍ଷ ଟଙ୍କା ସେଥିରୁ ତାଙ୍କ ପାରିଶ୍ରମିକ କିଲୋ ପ୍ରତି ୧ ଲକ୍ଷ ପାଉଛନ୍ତି, ଯଦି ସେ ଧରା ପଡି ନଥାନ୍ତେ ତେବେ ସେ ୧୪. ୨୦ କୋଟି ଟଙ୍କା ପାଇ ଥା'ନ୍ତେ । କନ୍ନଡ଼ ଅଭିନେତ୍ରୀ ବର୍ଷକ ମଧ୍ୟରେ ୩୦ ଥର ଦୁବାଇ ଯାଇଥିଲେ ଏହା ବହିଃ ଶୁଳ୍କ ବିଭାଗକୁ ଚମକାଇ ଦେଇଥିଲା ଏବଂ ସେ ସନ୍ଦେହ ଘେରରେ ଥିଲେ ଶେଷରେ ସବୁ ଚାଲାଖିର ଅନ୍ତ ଘଟିଲା । ଏହା କିପରି ସମ୍ଭବ ହେଉଛି ? ଦୁବାଇ ପରି ବିମାନ ବନ୍ଦରରେ ଏତେ କଠୋର ତ୍ରିସ୍ତରୀୟ ଯାଞ୍ଚ ବ୍ୟବସ୍ଥାକୁ ଏଡାଇ ଯାଇ ବିମାନରେ ସୁନା ଆସୁଛି ତାହା ପୁଣି ଖୁବ୍ ଚତୁରତାର ସହିତ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁଛି। ୧. ସିଧା ସଳଖ ଦୁବାଇରୁ ଭାରତ ନ ଆସି ଦୁବାଇରୁ ନାଇରବି (କେନିଆ ) ପୁଣି କେନିଆରୁ ଭାରତ ଆସିଲେ ହୁଏତ କେହି ସନ୍ଦେହ କରିବେନି, ୨. ଯଦି ସୁନା ଭାରତ ନ ଆସି ନେପାଳର କାଠମାଣ୍ଡୁ ଆସୁଛି ତେବେ ତାହା ଖୁବ୍ ସହଜରେ ବିନା ବାଧାରେ ଭାରତରେ ପ୍ରବେଶ କରୁଛି, ୩. ବାଂଲାଦେଶ ସୀମା ବାଟେ ଭାରତରୁ ଗୋଚାଲାଣ ହୁଏ ଏବଂ ସୁନା ଭାରତକୁ ଏଜେଣ୍ଟ ଦ୍ୱାରା ଆସୁଛି, ୪. ଶ୍ରୀ ଲଙ୍କା ଦେଶରୁ ସମୁଦ୍ର ମଧ୍ୟ ଦେଇ ମାଛ ଧରା ନୌକା ସାହାଯ୍ୟରେ ତାମିଲ୍‌ନାଡୁ ଉପକୂଳ ଦେଇ କୋଟି କୋଟି ଟଙ୍କାର ସୁନା ଚୋରାରେ ପ୍ରବେଶ କରୁଛି, ୫. କିଛି ସ୍ଥାନରେ ପଶୁ ମାନଙ୍କ ଦ୍ୱାରା ମଧ୍ୟ ଏହି କାର୍ଯ୍ୟ ସମ୍ପାଦନ ହେଉଛି, ୬. ପାକିସ୍ତାନ ମଧ୍ୟ ଆତଙ୍କବାଦୀଙ୍କ ଜରିଆରେ ଭାରତରେ ଚୋରା ସୁନା କାରବାର କରୁଛି । ଏହି ପ୍ରକାର କାର୍ଯ୍ୟ କଳାପ ରୋକିବା ଯଦିଓ ସମ୍ପୂର୍ଣ୍ଣ ସମ୍ଭବ ନୁହେଁ ତଥାପି ନିଷ୍ଠାର ସହିତ ସଂପୃକ୍ତ ବିଭାଗ ଗୁଡିକ ଯଦି କାର୍ଯ୍ୟ କରିବେ ତେବେ ନିଶ୍ଚିତ ସୁଫଳ ମିଳି ପାରିବ।

ଚୋରା ସୁନା ଆମଦାନୀ ଦ୍ୱାରା ଭାରତ ଉପରେ ପଡୁଥିବା ଅର୍ଥନୈତିକ ଚାପ ବଢି ବଢି ଯାଉଛି , ୨୦୨୩ -୨୪ ମସିହାର ସେଣ୍ଟ୍ରାଲ ବୋର୍ଡ ଅଫ ଇନ୍ ଡାଇରେକ୍ଟ ଟାକ୍ସ ଆଣ୍ଡ କଷ୍ଟମ୍ ଏବଂ ଡାଇରେଟୋରିଏଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ ବିଭାଗର ରିପୋର୍ଟକୁ ମିଶାଇଲେ ଜଣାପଡେ ଯେ, ଭାରତରେ ଆନୁମାନିକ ୧୫୦ ରୁ ୨୦୦ ଟନ୍ ସୁନା ବିନା ଟିକସରେ ପ୍ରବେଶ କରୁଛି ଏବଂ ସେଥିରୁ ମାତ୍ର ୫% ପ୍ରତିଶତ ଧରା ହେଉଛି, ୯୫% ଗଳା ବାଟ ଦେଇ ଖସି ଯାଉଛି । ଅନୁମାନ କରନ୍ତୁ ଦେଶର କେତେ କ୍ଷତି ହେଉଛି ଏବଂ ଚୋରା ବେପାରୀ ମାନେ କେତେ ଲାଭ ପାଉଛନ୍ତି ? ଦେଶ ପ୍ରାୟ ୯୦୦୦ କୋଟି ଟଙ୍କାର ରାଜସ୍ୱ ହରାଉଛି । ତାହା ଛଡା ଏହି କଳା ଟଙ୍କା ଭାରତରେ ବିଭିନ୍ନ ଶିଳ୍ପ ସଂସ୍ଥାରେ ଉପଯୋଗ ହେଉଛି, ନକ୍ସଲ, ଆତଙ୍କବାଦୀଙ୍କ ପାଖକୁ ଏହି ଟଙ୍କା ଚାଲି ଯାଉଛି ତଥା ଅନେକ ବଡ଼ ବଡ଼ିଆ କଳା ଟଙ୍କାକୁ ନେଇ ସୁଇସ୍ ବ୍ୟାଙ୍କରେ ଜମା ରଖୁଛନ୍ତି । ଭାରତୀୟ ଟଙ୍କାର ମୂଲ୍ୟ ଧୀରେ ଧୀରେ କମି ଯାଉଛି ବର୍ତ୍ତମାନ ଏକ ଆମେରିକୀୟ ଡଲାର ପ୍ରାୟ ୮୭ ଟଙ୍କା , କୁହନ୍ତୁ ଏଥିପାଇଁ କିଏ ଦାୟୀ ? ଆମେ ନା ସରକାର ନା ଚୋରା ବେପାରୀ ? ଭାରତୀୟ ମାନେ ଯେତେ ସୁନା କିଣନ୍ତି ତାହା ପୃଥିବୀରେ ଅନ୍ୟଦେଶ ମାନଙ୍କ ଠାରୁ ସର୍ବାଧିକ, ଏତେ ସୁନା ଗଚ୍ଛିତ ଥାଇ ମଧ୍ୟ ସରକାର ମୁଦ୍ରା ମୂଲ୍ୟକୁ ନିମ୍ନଗାମୀ ହେବାରୁ ବଞ୍ଚିତ କରି ପାରୁ ନାହାନ୍ତି । ଅନେକ କୁଖ୍ୟାତ ଦାଗୀ, ଦେଶ ଦ୍ରୋହି, ଆତଙ୍କବାଦୀ ଅସାଧୁ ସରକାରୀ ଅଧିକାରୀ, ମନ୍ତ୍ରୀ ଯନ୍ତ୍ରୀ ମାନେ ମଧ୍ୟ ଏହି କାରବାର ସହିତ ଜଡିତ ଅଛନ୍ତି । ଏମାନଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଦ୍ୱାରା ହିଁ ଭାରତର ଜି:ଡି:ପି ବଢିବ ତଥା ଆମେରିକୀୟ ଡଲାର ସହିତ କିଛି ମାତ୍ରାରେ ସମକକ୍ଷ ହୋଇ ପାରିବ ବୋଲି ଆଶା କରାଯାଏ।

# ପଖାଳ ଦିବସର ତାତ୍ପର୍ଯ୍ୟ

ଇଂ. ପ୍ରତ୍ୟୁଷ କୁମାର ବେହେରା
ଅଧ୍ୟାପକ, ବାଲେଶ୍ୱର
ଯୋଗାଯୋଗ -
୭୫୦୪୦୮୧୮୬୩

ଭାରତର ପୂର୍ବାଞ୍ଚଳ ରାଜ୍ୟ ବିଶେଷ ଭାବେ ଆମ ଓଡ଼ିଶା ଲୋକଙ୍କ ପ୍ରମୁଖ ଖାଦ୍ୟ ହେଉଛି ପଖାଳ। ଓଡ଼ିଶାରେ କୋଣ ଅନୁକୋଣରେ ପଖାଳ ପ୍ରତି ବିଶେଷ ଭଲ ପାଇବା ରହିଛି। କେବଳ ଆମ ରାଜ୍ୟ ନୁହେଁ ବରଂ ବିଦେଶରେ ରହୁଥିବା ଆମ ଭାଇ ଭଉଣୀ ମଧ୍ୟ ଏହାକୁ ନିଜେ ଖାଇବା ସହିତ ବିଦେଶୀଙ୍କୁ ପଖାଳର ସ୍ୱାଦ ଜଣାଉଛନ୍ତି। ଭାତରେ ପାଣି ମିଶାଇ ରନ୍ଧା ହେବା ପରେ ଖାଇଲେ ତାହାକୁ ଟାଙ୍ଗ ପଖାଳ । ସେହିଦିନ ତାକୁ ଖାଇଲେ ସଜ ପଖାଳ କୁହାଯାଏ। ମାତ୍ର ଭାତକୁ ବତୁରାଇ ପରଦିନ ଖାଇଲେ ତାହା ବାସି ପଖାଳ ହୋଇ ଖିଆ ଯାଇଥାଏ।

ପଖାଳର ଇତିହାସକୁ ଯଦି ଆମେ ଖୋଜିବା ତେବେ ଏହା କେବଳ ଓଡ଼ିଶା ପ୍ରଦେଶରେ ହିଁ ପ୍ରମୁଖ ଖାଦ୍ୟ ରୂପେ ଲୋକପ୍ରିୟ ଓ ପ୍ରାଚୀନ। ବର୍ତ୍ତମାନ ଅବଶ୍ୟ ଏହା ଦେଶ ବିଦେଶରେ ଲୋକପ୍ରିୟତା ଅର୍ଜନ କରିଲାଣି। ସବୁ ତାରକା ହୋଟେଲ ମାନଙ୍କରରେ ଏହାର ବେଶ ଚାହିଦା ରହିଛି। ସେ ସମସ୍ତ ହୋଟେଲ ମାନଙ୍କରେ ମାଟି ପାତ୍ର, କଂସାପାତ୍ରରେ ଓଡ଼ିଆ ଘରେ ପରଷିଲା ଭଳି ବଡ଼ି ଚୁରା, ବିଭିନ୍ନ ଚଟୁଣି, ଶାଗ, ଦହି, କାକୁଡ଼ି ତା ସହିତ ରୁଚି ମୁତାବକ ଅନ୍ୟ ସୁସ୍ୱାଦୁ ତରକାରୀ ମଧ୍ୟ ପ୍ରସ୍ତୁତ କରି ଦେଉଛନ୍ତି । ଆମ ରାଜ୍ୟର ପ୍ରମୁଖ ଖାଦ୍ୟ ହୋଇଥିବା ବେଳେ, ପଶ୍ଚିମବଙ୍ଗରେ ପନ୍ତଭାତ୍ , ଆସାମରେ ପୋଇତା ଭାତ, ଛତିଶଗଡ଼ରେ ବୋରେ ଭାତ, ଭୋଜପୁରୀରେ ମାରା ଭାତ, ମାଲାୟାଲାମରେ ବଲ୍ଲୁ ଚୋରୁ, ଝାଡଖଣ୍ଡରେ ପାନି ଭାତ ଓ ଗୁଜୁରାଟରେ ପଖାଲ୍ ଭାତ ବୋଲି କୁହନ୍ତି।

ପଖାଳ ଶ୍ରୀ ଜଗନ୍ନାଥଙ୍କ ଅତ୍ୟନ୍ତ ପ୍ରିୟ ଖାଦ୍ୟ। ବଡ଼ସିଂହାର ବ୍ୟଞ୍ଜନ ପରିବେଷଣରେ ବିଭିନ୍ନ ବ୍ୟଞ୍ଜନ ରହିଥିଲେ ମଧ୍ୟ ଘିଅ ପଖାଳ ଭୋଗ ରହେ। ମହାପ୍ରଭୁଙ୍କ ବଡପଣିଆ ପ୍ରତିପାଦିତ କରିବାକୁ ଯାଇ ଓଡ଼ିଆ ଲୋକ କଥା କଥାରେ ଥଟ୍ଟାକରି କୁହନ୍ତି 'ପଖାଳେ ଭାତେ ଘି, ତୋ ବୋପା ଖାଇଥିଲା କି' । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନେଗୁଡ଼ିଏ ପଖାଳ ଭୋଗ ଅର୍ପଣ ହୁଏ ଯଥା ସୁବାସ ପଖାଳ, ଚିପୁଡ଼ା ପଖାଳ, ପାଣି ପଖାଳ, ଦହି ପଖାଳ, ମିଠା ପଖାଳ, ମଲ୍ଲିଫୁଲ ପଖାଳ , ଟଭା ପଖାଳ ଓ ଘିଅ ପଖାଳ ଆଦି ଲାଗି ହୋଇଥାଏ । ଅକ୍ଷୟ ତୃତୀୟାଠାରୁ ସ୍ନାନ ଯାତ୍ରା, ବିଭିନ୍ନ ଯାନିଯାତ୍ରା ସମୟରେ ଠାକୁରଙ୍କ ପାଖରେ ଭିନ୍ନ ଭିନ୍ନ ପଖାଳ ଭୋଗ ଲାଗେ। ପଖାଳରୁ ପ୍ରସ୍ତୁତ ଟଙ୍କ ତୋରାଣି ଭକ୍ତଙ୍କ ଅତି ପ୍ରିୟ।



ବିଶେଷଭାବେ ଅନୁଶୀଳନ କରିଲେ ପଖାଳରେ ଅନେଗୁଡ଼ିଏ ଔଷଧୀୟ ଗୁଣ ରହିଛି। ପଖାଳ ଖାଇଲେ ରକ୍ତ ଚାପ, ମଧୁମେହ ନିୟନ୍ତ୍ରିତ ହୁଏ, କୋଷ୍ଟକାଠିନ୍ୟ ଦୂର ହୁଏ, ନିଦ ଭଲ ହୁଏ। ଏଥିରେ ଲୌହସାର, ପଟାସିୟମ, କ୍ୟାଲସିୟମ ସହ ଭିଟାମିନ ଇ୬ ଏବଂ ଇ୧୨ ଅଛି। ପଖାଳରେ ଥିବା ( ପ୍ରୋବାୟଟିକସ୍) ମଣିଷର ବାର୍ଦ୍ଧକ୍ୟ ଜନିତ ରୋଗର ଉପଶମ ନିମିତ୍ତ ବହୁ ଦରକାରୀ ହୋଇଥାଏ। ବିଶେଷଜ୍ଞଙ୍କ ମତାନୁସାରେ ପଖାଳରେ ଶତକଡ଼ା ୨୮ ଭାଗ ଭିଟାମିନ ରହିଛି। ପଖାଳ ତୋରାଣିରେ ପାକସ୍ଥଳୀର ସମସ୍ତ ରୋଗ ନାଶ କରିବା ଶକ୍ତି ରହିଛି। ଗର୍ଭବତୀ ମହିଳାମାନଙ୍କ ନିମିତ୍ତ ପଖାଳ ଅତି ଉପଯୋଗୀ । ଗର୍ଭବତୀ ସ୍ୱାସ୍ଥ୍ୟରକ୍ଷା ସହିତ ଗର୍ଭପାତରୁ ମଧ୍ୟ ରକ୍ଷା କରେ ।

ଆମ ଓଡ଼ିଆ ସାହିତ୍ୟରେ ପଖାଳର ପ୍ରସିଦ୍ଧି ବିଷୟରେ ଅନେଗୁଡ଼ିଏ ତଥ୍ୟ ଓ ରଚନା ରହିଛି। କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କର ଗୀତି କବିତା ' ଓଡ଼ିଆ ଜୀବନ ଦୁଆ ଶାଗ ପଖାଳ, ଜଗନ୍ନାଥ ରସୀ ଖାଏ ମନେ ତୁ ଭାଳ । ଚାଖି ନାହିଁ ଯିଏ ଥରେ, ଧିକ୍ ତା ଜନମରେ, ମଣିଷ ଯାକରେ ସେତେ ଅଣ ପୁରୁଷା , ଆସ ଜୀବନ ଧନ ମୋର ପଖାଳ କଂସା'।। ସୁଗାୟକ ବାଳକୃଷ୍ଣ ଦାସଙ୍କ କଣ୍ଠରେ ଓଡ଼ିଆ ମାନଙ୍କ ଦ୍ୱାରା ବହୁ ଭାବରେ ଆଦୃତ ହୋଇଥିଲା । ଭିନ୍ନ ଭିନ୍ନ ଋତୁରେ ପଖାଳ ଖାଇବା ମଜା ବି ଭିନ୍ନ ହୋଇଥାଏ। ଗରିବଙ୍କ ଠାରୁ ଧନୀ, ପିଲାଠୁ ବୃଦ୍ଧ ସଭିଙ୍କ ପ୍ରିୟ ଆମ ପଖାଳ। ଆସନ୍ତୁ ଆମେ ସମସ୍ତେ ନିଜର ପ୍ରିୟ ଖାଦ୍ୟକୁ ସମସ୍ତଙ୍କ ସହିତ ମିଶି ପଖାଳ ଖାଇବା ଓ ପଖାଳ ଦିବସ ପାଳନ କରିବା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଅମୃତସ୍ପର୍ଶ



**ଶରତ ଦାଶ**

ମନ କଥା ମନେ ମରଇ ଗୋପନେ
କାହାକୁ ନ ହୁଏ କହି
କିଏ ବା ବୁଝିବ ଜୀବନରୁ ଯେବେ
ଜୀବନ ଯାଏ ପଳାଇ ।।
ସ୍ୱାର୍ଥପର ଧରା ବୁଝେନାହିଁ ପରା
ମରମ ବେଦନାମାନ
ହସିଦିଏ ଯେବେ କଷ୍ଟର ଅନଳ
ଜାଳୁଥାଏ କ୍ଷଣୁ କ୍ଷଣ ।।
କେହି ନୁହେଁ କାର କହିଲେ କି ପର
ହୁଅଇ ଆପଣା ଲୋକ
କେତେ ଆଶା କେତେ ପ୍ରତ୍ୟାଶା ମଧ୍ୟରେ
ମନ ପାଏ ବଡ଼ ଦୁଃଖ ।।
ସବୁ କଲା ପରେ କହେ କେ ନିଷ୍ଠୁରେ
କରିନାହିଁ ବୋଲି କିଛି
ଅପଦାର୍ଥ ବୋଲି କହେ ଯେବେ କେହି
କରେ ନାହିଁ କେହି ଛି ଛି ।।
ମୋହମାୟା ପାଶ କରଇ ବିବଶ
ଯାଏ ନାହିଁ ପାଶ ଛାଡ଼ି
ସବୁ ଉପଚାର ପ୍ରତିକାର ଚେଷ୍ଟା
କାନ୍ଦି ଗଡ଼େ ତଳେ ପଡି ।।
ଦର୍ଶନ ଭାଷଣ ଉପଦେଶ ଶିକ୍ଷା
ମୋହକୁ ନପାରେ କାଟି
ମାୟା ସହ ମିଶି ସୁବର୍ଣ୍ଣ ପ୍ରାଣକୁ
କରିଦିଏ ହେଲେ ମାଟି ।।
ନୀଳ ଆକାଶକୁ ଅନାଇଲେ ଥରେ
ନିଜ ସତ୍ତା ପଡେ ଜଣା
ସତରେ ସତ୍ତାର କାହିଁ ବା ଅସ୍ତିତ୍ୱ
ମିଛେ ଆମେ ବାଟବଣା ।।
ଜିଇବାର ଯେଣୁ ନାହିଁ ବିକଳପ
ଜିଇବା ପ୍ରେମରେ ଆସ
ସ୍ୱାର୍ଥପରତାର ସୀମା ହେଲେ ପାର
ମିଳିବ ଅମୃତସ୍ପର୍ଶ ।।

*ଭୁବନେଶ୍ୱର*
*ଦୂରଭାଷ- ୯୪୩୮୯୧୭୨୫୫*

## ତିନୋଟି ରଙ୍ଗର ଜୀବନ

**ସୀମାଞ୍ଚଳ ରଣା**



ବାପା ବୁଢା ହେଲେ ଅଣ୍ଟାନଇଁଲା,
ମୋ ପୁଅ ବି ବୁଢା ହେଲା ବାପାଙ୍କ ସହ
କେବଳ ତଫାତ୍ ଏତିକି ବାପାଙ୍କ ଧଳାରଙ୍ଗର କେଶ,
ଆଉ ମୋ ପୁଅ ମୁଣ୍ଡରେ ମେଞ୍ଚାଏ ପାଉଡର।

ମୁଁ ବି ବୟସ ହରେଇଲି
ଅଚାନକ ଅଣଚାଶ ଛୁଇଁବା ବି ରୋଗ,
ତେଣୁ ସଭିଏଁ କହିଲେ ଯେ ବାର୍ଦ୍ଧକ୍ୟର ରଙ୍ଗ,
ସୁଲୋଚନା ହାତରୁ ପାନଟିଏ ଜାକି ଦେଖିଲି
ବୟସର ରଙ୍ଗ ଅପେକ୍ଷା ଏବେ ବାର୍ଦ୍ଧକ୍ୟର ରଙ୍ଗ ଖୁବ୍ ଗାଢ଼।

ଶେଷ ରଙ୍ଗ ତ ସେଦିନ ଲାଗିଲା
ମୁଁ ଦେଖିନି ଯଦିଓ ମହାନିଦ୍ରାରୁ ଉଠି,
କିନ୍ତୁ ବୁଝି ସାରିଥିଲି ପରଦା ପଡିବା ଆଗରୁ,
ଏବେ ଲାଗିବ ମହାରଙ୍ଗଟିଏ ମଥାରେ
କାନ୍ଦୁଥିବେ ଅନ୍ତତଃ କେହି କାହିଁକି ନା ଏଥର 'ଫିକା ହୋଲି' ।

*ବାଙ୍ଗାଲୋର, କର୍ଣ୍ଣାଟକ*

## ନଥାଇ ଅଛ

**ସଂଯୁକ୍ତା ଦାଶ**



କେଜାଣି କାହିଁକି କିଛି ସ୍ୱାଭାବିକ ନଥିଲା
ଅବିରର ରଙ୍ଗ
ଆମ୍ବ କଷିର ସୁଗନ୍ଧ
ଶେଷ ଫାଲ୍ଗୁନର ଉଦାସୀ ଖରା
କିମ୍ବା ଚୈତ୍ରର ଧୀର ପଦପାତ

ସୁଗନ୍ଧରାଜର ପାଖୁଡା ସତେଜ ନଥିଲା
ନୀଳ କଇଁ ଅବେଳରେ ଝାଉଁଳି ଗଲା
ରାଜହଂସ ଯୋଡି
ଜଳକ୍ରୀଡା ପାଇଁ ଉଦ୍ୟତ ନଥିଲେ
ଦୋଳ ପୂର୍ଣ୍ଣିମାର ଜହ୍ନ କରୁଣ ଦିଶୁଥିଲା
ଆକାଶ କୋଣର ସେ ଏକାକିନୀ ତାରା କିନ୍ତୁ
ଖୁବ୍ ଉଜ୍ଜ୍ୱଳ ଦିଶୁଥିଲା

ରାତି ବଡ କଷ୍ଟରେ କଡ ଲେଉଟାଉଥିଲା
ଝର୍କା ଫାଙ୍କରୁ ଦିଶୁଥିବା ଚେନାଏ ଆକାଶରେ
କୃଷ୍ଣ ଧବଳ ମେଘମାନଙ୍କର ଭିଡ

ଏ ରାତି ନପାହୁ ବୋଲି କିଏ ଜଣେ
ନଈ ସେ କୂଳରେ ବଂଶୀ ବଜାଇ ଚାଲିଥିଲା
ଝରା ପତ୍ରର ଚୁପ୍‌ଚାପ୍ ସହ
ରାତ୍ରିଚର ପକ୍ଷୀଙ୍କ ଝିଂ ଝିଂ କିଛି ଅଶ୍ରୁତ ରାଗ ଗାଉଥିଲେ

ଭୋର ଆକାଶ କହିଦେଲା-
ତୁମେ ଆଉ ନାହଁ...
ପବନ ଅଟକି ଗଲା
ନଈ ଚମକି ଗଲା
ଫୁଲ ମଉଳି ଗଲା
କଇଁ ଆଖି ବୁଜିଦେଲା...
ଏମାନେ ସମସ୍ତେ ତେବେ
ଏଇ ମହାଜାଗତିକ କ୍ରିୟା ପାଇଁ
ନିଜକୁ ପ୍ରସ୍ତୁତ କରୁଥିଲେ.... ? ?

ପୁଣି ପବନ ବହିଲା...
'ଶ୍ରୀରାଧା' ର ଧାଡି ମାନେ ଆକାଶରେ
ଇନ୍ଦ୍ରଧନୁ ହୋଇଗଲେ...
ଏ ସଚରାଚର ଚନ୍ଦନ କସ୍ତୁରୀରେ ମହକିଗଲା
ଆଖି ଖୋଲି ଦେଖିଲି
ପାପୁଲିରେ ମୟୁର ଚନ୍ଦ୍ରିକାଟିଏ କେଉଁଠୁ ଖସି ପଡିଥିଲା...

*ମୋ-୮୪୨୦୮୯୬୫୪୬*

## ରଙ୍ଗ

**ଆଦ୍ୟାଶା ମହାପାତ୍ର**

ରଙ୍ଗର ପସରା ଆସିଛି ଭୁବନେ
ବସନ୍ତର ଆଗମନେ
ସହକାର କୁଞ୍ଜେ ହସଇ ବଉଳ
କୋଇଲିର କୁହୁ ତାନେ
ପଦପାତେ ପର୍ବ ହୋଲି
ବରଷକ ପରେ ଆସିଛି ହରଷେ
ଏଇ ଧରା ଧାମେ ବୁଲି ।

ଜୀବନର ରଙ୍ଗ ଉଲ୍ଲସି ଉଠଇ
ଲାଗିଲା ପ୍ରୀତିର ରଙ୍ଗ
ମନ ରାଇଜର ଅସୁମାରୀ ସ୍ୱପ୍ନ
ମନରେ ଭରେ ଉମଙ୍ଗ
ଏ ରଙ୍ଗେ ଭିଜିଲେ ଥରେ
ଆତୁର ପ୍ରାଣର ଅସୀମ ପିପାସା
ପ୍ରଶମିତ ହୁଏ ଧିରେ ।

ମନ୍ଦ ମନ୍ଦ ବହେ ମଳୟ ପବନ
ପୁଲକିତ ହୁଏ ମହୀ
ପ୍ରଭୁ ରସରାଜ ରାସେଶ୍ୱରୀ ସାଥେ
କୁଞ୍ଜବନେ ଥିବେ ରହି
ଅପ୍ରାକୃତ ପ୍ରେମ ରସେ
ଭିଜିବ ହୃଦୟ ରଙ୍ଗର ଉଚ୍ଛ୍ୱାସେ
ମଜ୍ଜିବେ ଫଗୁର ରାସେ ।

ପ୍ରେମ ଯମୁନାର ରଙ୍ଗ ତରଙ୍ଗରେ
ମିଶୁଥିବ ମନ ପ୍ରାଣ
ଆବେଗ ଉଲ୍ଲାସେ ପ୍ରେମର ବାରତା
ଆଣୁଥିବ ସମୀରଣ
ବସନ୍ତର ଅଗଣାରେ
ପ୍ରୀତିର ପୂରବୀ ଗାଇବ ପ୍ରକୃତି
ନବୀନ ରଙ୍ଗ ରସରେ ।

*ନୂଆପଡା, କଟକ*



## ବସନ୍ତେ ହସୁଛି ମହୀ

**ରାମଚନ୍ଦ୍ର ବେହେରା**

ବସନ୍ତ ଆସିଛି ପୁଷ୍ପ ସବାରିରେ
କୋଇଲି ଗାଉଛି ଗୀତ
ପତ୍ରଝଡା ବୃକ୍ଷ ନବ ପଲ୍ଲବରେ
ସରାଗେ ଡାକୁଛି ମିତ
ଆମ୍ବ ବଉଳର ବାସ
ମୃଦୁ ମଳୟର କୋମଳ ପରଶେ
ଚହଟଇ ଚଉପାଶ
ଜୁଇ ଜାଇ ମଲ୍ଲୀ ମଧୁ ମାଳତୀରେ
ସଜେଇ ହୋଇ ଧରଣୀ
ନାଲି ଟହଟହ ପଳାଶ ଶିମୂଳି
ମନକୁ ନେଉଛି କିଣି
କୃଷ୍ଣଚୂଡା ମନଲୋଭା
ଅଶୋକ ଫୁଲର ପ୍ରୀତି ଇସାରାରେ
ହସୁଛି ପ୍ରକୃତି ଶୋଭା
ମହୁମାଛି ଉଡେ ଫୁଲରୁ ଫୁଲକୁ
ବାସ୍ନାରେ ଅଧୀର ହୋଇ
ଅତି ସରାଗରେ ମଧୁ ଶୋଷିନିଏ
ପ୍ରେମର ସଂଗୀତ ଗାଇ
ପରିବେଶ ମନଛୁଆଁ
ପାହାଡ ଝରଣା ବିଲ ତୋଟାମାଳ
ସବୁ ଲାଗେ ନୂଆ ନୂଆ
ଚକୋର ଚକୋରୀ ପ୍ରେମ ପରିବେଶେ
ପରାଣେ ଅଥୟ ହୋଇ
ବିମଣ୍ଡିତା ଧରା ବାଣ୍ଟେ ସୁଧା ବାରି
ପ୍ରୀତିର ପରଶ ଦେଇ
ଗୋଧୂଳି ସୂରୁଜ ଆଭା
ବନ ଉପବନେ ନାନା ଜାତି ପୁଷ୍ପେ
ଚଉଦିଗ ମନଲୋଭା
ପ୍ରକୃତିର ରୂପ ସ୍ୱର୍ଗ ଅନୁରୂପ
ବସନ୍ତେ ହସୁଛି ମହୀ
ସ୍ୱଚ୍ଛ ସରସୀରେ ଚନ୍ଦନୀ ଖେଳୁଛି
ଜୋଛନା ବିଛୁରି ଦେଇ
ଜୀବ ଆଜି ଆତ୍ମହରା
ସଭିଙ୍କ ପରାଣେ ପ୍ରେମଭାବ ଜାଗି
ବହୁଛି ପୀରତି ଧାରା !

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ- ୭୩୫୫୬୩୫୩୪୬*

## ବୋଉ ଶୋଇଥିଲା

**କବିତା ମହାନ୍ତି**



ଦିନ ନାହିଁ
ରାତି ନାହିଁ
ଯାହା ଆଖିରେ ନିଦ ନଥିଲା
କେତେବେଳେ କୁମ୍ଭାଟୁଆ ବୋବାଏ
ରାତିର କେତେ ପହର ହେଲାଣି
କେତେବେଳେ କାଉ କା କା ରଡିଲା
ରାତି ପାହି ସକାଳ ହେଲାଣି

ଦାଣ୍ଡ ଦୁଆର ଝାଡୁ ହେବ
ଗୋବର ପାଣି ପଡ଼ି ଦୁଆର ପବିତ୍ର ହେବ
ଚୁଲି ଲାଗିବ
ଚା ଜଳଖିଆ
ତା ପରକୁ ଭାତ ଡାଲି ତରକାରୀ
ଦିପହରେ ଖାଇବା ପାଇଁ
ରାତି ପାଇଁ
ବୋଉ ଭାଷାରେ ତା ପରିବାର
ଗୋଟା ଗାଁରୁ ଅଧେ
କେତେବେଳେ କହେ ସଗର ବଂଶ ତ
ଆଉ କେବେ କହୁଥିଲା
ରାତି ଆଉ କାହା ଘରେ
ମୁହଁ ସଞ୍ଜ ହେଲାଣି
ଏକାଥରେ ପେଟ ପୁରା ଖାଇଦିଅ

ତୁହାଇ ତୁହାଇ ମନେ ପଡେ ଆଜି
କଥା ତାର, ଢଗଢମାଳି ତାର

ଖାଇ ମଣିଷ ନା ନଖାଇ ମଣିଷ
ଯାହା ଖାଇଯିବ ପେଟକୁ
ଯାହା ରଖିଯିବ ଖଣ୍ଟକୁ
ଏମିତି କେତେ ଢଗ

ପାଦରେ ଚକ ଲାଗିଥିଲା ଭଳି
ବୋଉ ମୋର ଦୌଡୁ ଥିଲା
ଯାହାକୁ କେବେ ଜ୍ୱର ଥଣ୍ଡା ଧରିନି
କେବେ ଅବେଳରେ ବିଛଣାରେ
ଗଡିନି ସିଏ

କେଜାଣି ଭିତରେ ହୋଇଥିବ ତାର
ଦେହ ଅବଶ
ମୁହଁ ଖୋଲି କହି ନଥିବ
ଆମେ କେବେ ଚେଷ୍ଟା କରି ନଥିବୁ
ବୁଝିବାକୁ, ତାର ବି ହାଡ ମାଉଁସର ଦେହ
ତାକୁ ଟିକେ ବିଶ୍ରାମ ଦରକାର

ଧରି ନେଇଥିଲୁ ତାକୁ
ଏକ ଚଳନ୍ତି ପ୍ରତିମା
କେବେ ବିଶ୍ରାମ ନେବନି
ଖାଲି ଅନ୍ୟକୁ ବୁଝୁଥିବ

କିନ୍ତୁ କେତେ ଦିନ !!
ବାର୍ଦ୍ଧକ୍ୟ ଭିଡ଼ି ଧରିଲା ତାକୁ
ବିଛଣାରେ ପକାଇଦେଲା ତାକୁ ଦୁଇ ବର୍ଷ
ତା ଭଳି ମଣିଷ କଣ କେବେ
ଭଲ ପାଉଥିଲା
ନରମ ଗଦି, ବିଛଣା, ବିଶ୍ରାମ !!

ଆଉ ସହି ପାରିଲାନି ଦେହ କଷ୍ଟ
ଅହରହ ଗାଉଥିବା ଭଜନ
'ଭଜି ଭଜି ତୋ ନାମ ଚକା ନୟନ ପ୍ରଭୁ
ଯାଉ ଜୀବନ ମୋ' ସତ ହେଲା

ସେଦିନ ହାଡ଼ ଭଙ୍ଗା ଶୀତ ରାତି
ଗାଁରୁ ଖବର ଆସିଲା
ବୋଉ ଶୋଇଛି
ଯେତେ ହଲାଇଲେ ଆଉ ଉଠୁନି

ରାତି ରାତି ଦୌଡ଼ିଲୁ
ବୋଉକୁ ଦେଖିବାକୁ
କାଳେ ଉଠି ପଡ଼ିବ
କଡ ଲେଉଟାଇବ
ପଚାରିବ 'କେତେବେଳେ ଆସିଲୁ,
ଆଖି ଟା ଟିକେ ଲାଗି ଯାଇଥିଲା'
ପୁଅ ବୋହୂଙ୍କୁ ତାଗିଦ୍ କରିବ
ଝିଅ ମାନେ ଆସିଛନ୍ତି
ତାଙ୍କ ଖାଇବା ବ୍ୟବସ୍ଥା କର
ଚୁଡ଼ା, ବଡି, ଘିଅ, ନଡିଆ ପୁଡ଼ା ବାନ୍ଧିଦିଅ

ନା, ସେମିତି କିଛି ବି ହେଲାନି
ବୋଉ ଶୋଇ ଯାଇଥିଲା
ନିଶ୍ଚିନ୍ତରେ
ମୁହଁ, ଆଖି, ଦେହ ସବୁ
ସେମିତି ଜଳ ଜଳ ଦିଶୁଥିଲା
ସତେ ଯେମିତି ଆଉ ଘଣ୍ଟାକରେ ଉଠିଯିବ

ଚା ପିଇବ ଆମ ସାଙ୍ଗେ
ନା, ସେ ଆଉ ଉଠିଲାନି
ସବୁଦିନ ପାଇଁ ଶୋଇ ଯାଇଛି
ଚିର ନିଦ୍ରାରେ ।

*ନିଗମାନନ୍ଦ ନଗର, ବମିଖାଲ,*
*ଭୁବନେଶ୍ୱର*
*ମୋ- ୯୯୩୭୭୩୪୮୨୫୦*

## ଗାଇଲା ଫଗୁଣ ଗୀତ

**ଜୟନ୍ତ କୁମାର ମଲ୍ଲିକ**



ବଉଳ ବାସିଲା
କୋଇଲି ଭାଷିଲା
ଦୂରେ ଚଳିଗଲା ଶୀତ
ତନୁ ମନ ଛୁଇଁ
ମୃଦୁ ମଳୟଟା
ଗାଇଲା ଫଗୁଣ ଗୀତ,
ଚକୋର ଚକୋରୀ
ହୋଇ ଧରାଧରି
ମାତିଲେ ପୀରତି ଖେଳେ -
ନର ନାରୀ ଯେତେ
ହେଲେ କୁହା କୁହି
ପ୍ରିୟଜନଙ୍କର ମେଳେ,
ଦେହରେ ମନରେ
ରଙ୍ଗ ବରଷିଲା
ପାଳିଲେ ସଭିଏଁ ହୋଲି -
ରାଧା କୃଷ୍ଣଙ୍କର
ମିଳନ କଥାକୁ
କହିଲେ ହରଷେ ଖୋଲି,
ସୁନ୍ଦର ବସନ୍ତ
ଅତି ଶୋଭାବନ୍ତ
ସେତ ଋତୁ ମଧ୍ୟେ ସାର -
ଜଗତବାସୀଙ୍କୁ
ଭଗବାନଙ୍କର
ଏହା ଶ୍ରେଷ୍ଠ ଉପହାର ।

*ଶୁରଡ଼ିହ, ନନ୍ଦିପୁର, ଦଶରଥପୁର, ଯାଜପୁର*
*ମୋ-୯୪୩୭୮୬୫୭୨୭*

## ଚାଲ ଫଗୁଣରେ ଖୁସି ମନେଇବା

**ସୁଧାଂଶୁ ଶେଖର ଦ୍ୱିବେଦୀ**

ଚାଲ ଫଗୁଣରେ ଖୁସି ମନେଇବା
ଆଜି ହଳଦୀ ମାଖିଛି ଶୋରିଷ କ୍ଷେତ
ଆଜି କିରଣ ଦିଶୁଛି କଞ୍ଚନ ସମେତ
ଆଜି କୋଇଲି ଗାଉଛି ମଧୁର ଗୀତ
କୁହୁରେ କୁହୁ ତାଳ ମିଶାଇ
ଗାଇବା ଏକ ନୂଆ ସଙ୍ଗୀତ।

ଚାଲ ଫଗୁଣରେ ଖୁସି ମନେଇବା
ଆଜି ଆମ ଭଳି ଫୁଲ ହସୁଛି
ଆଜି ଆମ୍ବର ବଉଳ ବାସୁଛି
ଆଜି ଭ୍ରମର ଗୁଞ୍ଜନ ଶୁଭୁଛି
ଗୁଣୁଗୁଣୁ ତାନେ ନିଜକୁ ହଜେଇ
ବିଭୋରିତ ହୋଇ ମଜ୍ଜିଯିବା।

ଚାଲ ଫଗୁଣରେ ଖୁସି ମନେଇବା
ଆଜି ନାଚୁଛି ଗଛର ଛାଇ
ଆଜି ହଲୁଛି ଗଛର ପତ୍ର
ଆଜି ହସୁଛି ସାରା ଜଗତ
ଫୁଲର କାନରେ କହୁଛି ପବନ
ଚାଲ ମତୁଆଲା ହୋଇ ନାଚିବା।

*ବିସି-୭୪, ସଲ୍ଟ ଲେକ୍, କଲକତା-୬୪*
*ମୋ-୯୬୮୧୩୭୩୫୧୨*

## 'ହେ ଫଗୁଣ ତମେ...'

**ସତ୍ୟବ୍ରତ ସାହୁ**

ହେ ଫଗୁଣ ତମେ ଆସିବା ଆଗରୁ କେତେଯେ ଗଲେଣି ଆସି
ଏଯାଏଁ କେହି ମୋ' ବେଦନାକୁ ବୁଝି ଦେଇ ପାରିଲେନି ଖୁସି ।(୦)

ନିଦାଘ ଆସିଲା ଖାଲି ଜଳାଇଲା ତାପରେ ଆସିଲା ବର୍ଷା
ଭିଜାଇଲା ସିନା ତନୁକୁ ମୋହର ହୃଦୟେ କଲାନି ବସା
ଶରତ, ହେମନ୍ତ ଛୁଇଁ ଚାଲିଗଲେ ଶୀତ ଦୁଃଖ ଦେଲା ବେଶୀ ।
ହେ ଫଗୁଣ ତମେ.... (୧)

ତମ ମଳୟରେ କି ଯାଦୁ ଥିଲାକି ମନକୁ କଲା ମୋ' ଚୋରି
ତମ ପ୍ରଣୟରେ ବନ୍ଧା ପଡିଗଲି ଜୀବନ ଅରପି ଦେଲି
ଆସ ମୋ' ହୃଦୟ ମନ୍ଦିରକୁ ପ୍ରିୟ ଆଦରିବି ହସି ହସି ।
ହେ ଫଗୁଣ ତମେ.... (୨)

ହେ ଫଗୁଣ ତମେ ଆସିବା ଆଗରୁ କେତେଯେ ଗଲେଣି ଆସି
ଏଯାଏଁ କେହି ମୋ' ବେଦନାକୁ ବୁଝି ଦେଇ ପାରିଲେନି ଖୁସି ।(୦)

*ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬*
*ମୋ- ୮୯୧୭୨୭୩୫୪୫*

## ବିରହ ନିଆଁରେ ଫଗୁଣ ଜଳୁଛି

**ରଶ୍ମିତା ସେଠୀ**



ବିରହ ନିଆଁରେ ଫଗୁଣ ଜଳୁଛି
ସପନ ଯାଇଚି ହଜି
ଆଖିର ଲୁହକୁ ଆଖିରେ ଲୁଚେଇ
ମିଛରେ ହସୁଚି ଆଜି,
ସବୁଜ କାଳିରେ ଆଙ୍କି ଥିଲା ଯେଉଁ
ଭଲ ପାଇବାର ସ୍ୱପ୍ନ
ଦାରୁଣ ନିଦାଘ ଜାଳି ଦେଇଗଲା
ସପନର ଫୁଲବନ ।
ମନର ବେଦନା ଏଇ ଦୁନିଆରେ
କହ କିଏ ପାରେ ବୁଝି,
ପବନରୁ ଆଜି ବଉଳର ବାସ
ଚୋରେଇ ନେଇଚି ସେତ
ସବୁଜ ବନାନୀ ଲାଗେ ରଂଗହୀନ
କୋଇଲି ଗାଉନି ଗୀତ
ଭଲପାଇବାର ମିଠା ମିଠା ଗୀତ
କା'ଲାଗି ଗାଇବ ଆଜି ।

*ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା*

## ପଖାଳ ଦିବସ

**ଦୀପକ କୁମାର ନାୟକ**

ଅତି ପ୍ରିୟ ଖାଦ୍ୟ ପଖାଳ ଆମର
ନିତିଦିନ ଖାଇଥାଉ
ଅନ୍ୟ ଭଳି ଆମେ ଲୋକଦେଖାଣିଆ
ପାଳନ କରି ନଥାଉ
ରାତି ପାହୁ ପାହୁ ଦରକାର ପଡେ
ଆମର ପଖାଳ ଭାତ
ଖାଇବାକୁ ଆମେ ଖାତିରି କରୁନା
ବରଷା କି ଅବା ଶୀତ
ଗରିବର ପ୍ରିୟ ଏ ପଖାଳ ବୋଲି
ଜାଣେ ଏ ଦୁନିଆଁ ଯାକ
ଯେତେ ଖରା ହେଉ ଖାଇଥିଲେ ମୁଠେ
ଲାଗେନାହିଁ ଜମା କ୍ଳାନ୍ତ
ସେଥିପାଇଁ ଆମ ଚଷୀ ଭାଇ ମାନେ
ପଖାଳ କଂସାକୁ ଧରି
ଚଳେ ତାର କ୍ଷେତ ମହା ଆନନ୍ଦରେ
ଫସଲ ବେଉସା କରି
ଖାଇଦେଲେ ଗଣ୍ଡେ ଖରା ବେଳଟାରେ
ଆହାକି ମିଳଇ ଶାନ୍ତି
ଯେତେ ଦୁଃଖ କଷ୍ଟ ଚଳିଯାଏ ସବୁ
ମିଳେ ସଙ୍ଗେ ସଙ୍ଗେ ମୁକ୍ତି
ଦିନ ମଜୁରିଆ ପେଟେ ଯଦି ମୁଠେ
ପଡିଯାଇଥାଏ ପଖାଳ
କେବେହେଲେ ସିଏ ହାର ମାନେ ନାହିଁ
ହେଉ ଅବା ସଞ୍ଜ ସକାଳ
ଆମର ବା ନିତି......ପଖାଳ ଦିବସ
ଆମେ କ'ଣ ତାକୁ ପାଳିବୁ
ଅନ୍ୟ ଭଳି କଣ ଲୋକଦେଖାଣିଆ
ଫଟୋ ଓ ଭିଡ଼ିଓ ଛାଡିବୁ
ଯିଏ ଦିନେ କେବେ ଖାଇନି ପଖାଳ
ଆଜି ପାଳେ ସିଏ ତାକୁ
ସୋସିଆଲ ମିଡିଆରେ ଫଟୋ ଓ ଭିଡ଼ିଓ
ଛାଡି ପାଳେ ଦିବସକୁ ।

*ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ*
*ମୋ-୮୬୩୭୨୬୧୮୨୮*



## ଅଶ୍ୱତ୍‌ଥାମାଙ୍କୁ କ୍ଷମା କଲେ ଦ୍ରୌପଦୀ



**ସନ୍ତୋଷ ମିଶ୍ର**

ଅଶ୍ୱତଥାମା ପିଲାଟି ଦିନରୁ ମାତୃହରା ହୋଇଥିବାରୁ ପିତା ଦ୍ରୋଣ ତାଙ୍କୁ ଜୀବନଠୁଁ ଅଧିକ ଭଲ ପାଉଥିଲେ। ସେଥିପାଇଁ ନିରୋଳାରେ ଅଶ୍ୱତଥାମାଙ୍କୁ ସେ କେତେକ ଗୁପ୍ତ ବିଦ୍ୟା ଶିଖାଇ ଦେଇଥିଲେ। ତାଛଡା ଅଶ୍ୱତଥାମା ଶିବଙ୍କର ପରମ ଭକ୍ତ ଥିଲେ। ତାଙ୍କ କୃପା ବଳରେ ସେ ମସ୍ତକରେ ଏକ ଦିବ୍ୟ ମଣି ଧାରଣ କରିଥିଲେ। ମଣିର ପ୍ରଭାବରେ ସେ ଥିଲେ ଦୁର୍ଜ୍ଜୟ, ଅପରାଜେୟ। ସଂସାରର କୌଣସି ଶକ୍ତି ତାଙ୍କୁ ପ୍ରତିହତ କରିବା ସମ୍ଭବ ନଥିଲା। ପୁନଶ୍ଚ ସେ ଥିଲେ ଚିରଞ୍ଜିବୀ।

ମହାଭାରତ ଯୁଦ୍ଧର ଅନ୍ତିମ ପର୍ଯ୍ୟାୟ। ଭୀମର ପ୍ରଚଣ୍ଡ ଗଦାଘାତରେ ଶୋଣିତ ବିଗଳିତ ଦୁର୍ଯ୍ୟୋଧନ ମୃତ୍ୟୁର ଅପେକ୍ଷାରେ। ସନ୍ଧ୍ୟା ଆଗତ ପ୍ରାୟ। ବାଲ୍ୟବନ୍ଧୁ ଦୁର୍ଯ୍ୟୋଧନର ଦୂରବସ୍ଥା ଦେଖି ବ୍ୟଥିତ ହେଲେ ଅଶ୍ୱତଥାମା। କହିଲେ - ହେ ବନ୍ଧୁ ! ଅଠର ଦିନ ଯୁଦ୍ଧ ହେଲା। ପରିଣାମ କଣ ହେଲା। ତିନି ସେନାପତିଙ୍କ ସମେତ ଆମ ପକ୍ଷରୁ ଅଳ୍ପ କେଇ ଜଣଙ୍କୁ ଛାଡି ସମସ୍ତେ ମୃତ। ମାତ୍ର ପାଣ୍ଡବମାନେ ଏବେ ସୁଦ୍ଧା ଜୀବିତ। ଏତେ ଦିନ ଅୟଥାରେ ନଷ୍ଟ ହେଲା ଯାହା। ମୋତେ ଯଦି ସେନାପତି ଭାବେ ଚୟନ କରିଥାନ୍ତ, ଯୁଦ୍ଧର ଫଳାଫଳ ଆଜି ଭିନ୍ନ ପ୍ରକାରର ହୋଇଥାଆନ୍ତା। ନିଶ୍ଚିତ ଭାବେ ଆମେ ବିଜୟର ଟୀକା ପିନ୍ଧି ପାରିଥାନ୍ତେ। ମାତ୍ର ଦୁର୍ଭାଗ୍ୟ ବଶତଃ ଏବେ ଆମେ ପରାଜୟର ଦ୍ୱାର ଦେଶରେ। ତଥାପି ପାଣ୍ଡବମାନଙ୍କୁ ଧରାପୃଷ୍ଠରୁ ନିଶ୍ଚିହ୍ନ କରି ବିଜୟର ସ୍ୱାଦ ଚାଖିବା ଉଦ୍ୟମରୁ ମୁଁ ବିରତ ହୋଇନାହିଁ। ତମେ ଯଦି ମୋତେ ସେନାପତି ପଦରେ ବରଣ କରିବ, ଏଇ ମୁହୂର୍ତ୍ତରେ ମୁଁ ଯୁଦ୍ଧ ଅଭିଯାନ ଆରମ୍ଭ କରିବି। ପାଣ୍ଡବ ପାଞ୍ଚଭାଇଙ୍କୁ ପରାସ୍ତକରି ସେମାନଙ୍କ କଟାମୁଣ୍ଡ ଆଣି ତମକୁ ଉପହାର ଦେବି। ବୁଡି ଯାଉଥିବା ଲୋକର କୁଟା ଖିଅକୁ ଭରସା ନ୍ୟାୟରେ ଅଶ୍ୱତଥାମାଙ୍କୁ ବିଶ୍ୱାସ କଲେ ଦୁର୍ଯ୍ୟୋଧନ। ବହୁ କଷ୍ଟରେ ନିଜ ଉତ୍ତରୀୟ ଅଶ୍ୱତଥାମା ମୁଣ୍ଡରେ ବାନ୍ଧି, ଦେହରୁ ବହି ଯାଉଥିବା ରକ୍ତରେ ତାଙ୍କ କପାଳରେ ବିଜୟ ତିଳକ ପିନ୍ଧାଇ କହିଲେ - ବନ୍ଧୁ ! ତମକୁ ମୁଁ ଚତୁର୍ଥ ସେନାପତି ପଦରେ ବରଣ କଲି । ତୁରନ୍ତ ଯାଅ । ପାଣ୍ଡବ ମାନଙ୍କୁ ବିନାଶ କରି ସେମାନଙ୍କ ଛିନ୍ନ ମସ୍ତକ ଆଣି ମୋତେ ଦେଖାଅ। ତାହେଲେ ମୁଁ ଶାନ୍ତିରେ ମରି ପାରିବି।

ଅସ୍ତଗାମୀ ସୂର୍ଯ୍ୟଙ୍କୁ ଲକ୍ଷ୍ୟ କରି ପାଣ୍ଡବମାନଙ୍କୁ କିପରି ନିଧନ କରିବେ ସେ ବିଷୟରେ ଚିନ୍ତା କରୁଥିଲେ ଅଶ୍ୱତଥାମା। ଘଞ୍ଚ ଜଙ୍ଗଲରେ ଥିବା ଏକ ବରଗଛ ମୂଳରେ ସେ ବସି ପଡିଲେ। କିଛି ସମୟ ପରେ ଗୋଟେ ଅଦ୍ଭୁତ ଦୃଶ୍ୟ ଦେଖିଲେ । ବରଗଛ ଖୋଲ ଭିତରୁ ପେଚାଟିଏ ବାହାରି ନିଦ୍ରିତ ଅବସ୍ଥାରେ ଥିବା ସମସ୍ତ କାଉ ଶାବକମାନଙ୍କୁ ହତ୍ୟା କଲା। ଦୃଶ୍ୟଟି ଅଶ୍ୱତଥାମାଙ୍କୁ ଗଭୀର ଭାବେ ପ୍ରଭାବିତ କଲା। ହତ୍ୟା କରିବା ପାଇଁ ଗୋଟେ ଚମତ୍କାର ଉପାୟ ମିଳିଗଲା। ପାଣ୍ଡବ ମାନଙ୍କୁ ନିଦ୍ରିତ ଅବସ୍ଥାରେ ହତ୍ୟା କରିବା ପାଇଁ ସ୍ଥିର କରି ଅଶ୍ୱତଥାମା ଘନ ଅନ୍ଧକାର ମଧ୍ୟରେ ଶାଣିତ ତରବାରୀ ଧରି ଆଗେଇ ଚାଲିଲେ। ବନ୍ଧୁଙ୍କ ଶେଷ ଇଚ୍ଛା ପୂରଣ କରିବା ସହିତ ପିତୃହତ୍ୟାର ପ୍ରତିଶୋଧ ନେବା ପାଇଁ ସୁଯୋଗ ମିଳିଛି । ତାଙ୍କର ପିତା ଦ୍ରୋଣଙ୍କୁ କପଟତା ଆଚରଣ ପୂର୍ବକ ଅନ୍ୟାୟ ଭାବେ ପାଣ୍ଡବ ମାନେ ହତ୍ୟାକଲେ। ଅତଏବ ପାଣ୍ଡବମାନଙ୍କୁ ନିଦ୍ରିତାବସ୍ଥାରେ ହତ୍ୟାକଲେ କିଛି ଅଧର୍ମ ବା ପାପ ହେବନାହିଁ।

ସେପଟେ ଅନ୍ତର୍ଯ୍ୟାମୀ ପରଂବ୍ରହ୍ମ ଶ୍ରୀକୃଷ୍ଣ ଅଶ୍ୱତଥାମା ମନରେ ଥିବା ହୀନ ଚକ୍ରାନ୍ତ ସମ୍ପର୍କରେ ଜାଣିପାରିଲେ। ସେ ପାଣ୍ଡବମାନଙ୍କୁ ଗଙ୍ଗା କୂଳକୁ ବୁଲି ଯିବା ପାଇଁ ଡାକିଲେ। ସେମାନଙ୍କ ପାଞ୍ଚ ପୁତ୍ରଙ୍କୁ ମଧ୍ୟ ଡାକିଲେ। ମାତ୍ର ନିଦ ଲାଗୁଥିବାରୁ ସେମାନେ ମନା କଲେ। ଶ୍ରୀକୃଷ୍ଣ ପାଣ୍ଡବ ମାନଙ୍କ ସହିତ ଗଙ୍ଗା ନଦୀ କୂଳରେ ମୃଦୁ ମଳୟ ସେବନ କରିବା ପାଇଁ ଚାଲିଗଲେ।

ପ୍ରତିହିଂସା ପରାୟଣ ହୋଇ ଘନ ଅନ୍ଧକାରରେ ତରବାରୀ ଧରି ଶିବିର ଆଡ଼କୁ ଆଗେଇ ଚାଲିଲେ ଅଶ୍ୱତଥାମା। ନିଦ୍ରିତ ଦ୍ରୌପଦୀଙ୍କୁ ଦେଖି ନିଶ୍ଚିତ ହେଲେ ପାଣ୍ଡବମାନଙ୍କ ଉପସ୍ଥିତି ସମ୍ବନ୍ଧରେ। ତାପରେ ଘୋଡ଼ି ହୋଇ ଶୋଇଥିବା ପାଣ୍ଡବମାନଙ୍କୁ ନିର୍ମମ ଭାବେ ହତ୍ୟା କଲେ। ସତର୍କତା ସହିତ ସେମାନଙ୍କ କଟା ମୁଣ୍ଡ ଲୁଗାରେ ବାନ୍ଧି ଦୁର୍ଯ୍ୟୋଧନଙ୍କ ନିକଟକୁ ଯାଇ ଉଚ୍ଛ୍ୱସିତ ଆନନ୍ଦରେ କହିଲେ - ମିତ୍ର ଦେଖ !! ଯାହା ଅଠର ଦିନରେ ସମ୍ଭବ ହୋଇନଥିଲା... ତାହା ଗୋଟିଏ ରାତିରେ କେମିତି ସମ୍ଭବ ହୋଇପାରିଛି। ଦେଖ, ପଞ୍ଚୁପାଣ୍ଡବଙ୍କ କଟା ଶିର !! ଏତିକି କହି ସେ ଲୁଗାର ଗଣ୍ଠି ଫିଟାଇ ଦେଲେ । କଟାମୁଣ୍ଡଗୁଡ଼ିକ ଦେଖି ଚମକି ପଡ଼ିଲେ ଦୁର୍ଯ୍ୟୋଧନ। କପାଳରେ କରାଘାତ କରି କହିଲେ - ଆରେ ନର ଚଣ୍ଡାଳ! କଣ କଲୁ। ଶେଷରେ ଆମ ବଂଶ ବୁଡାଇ ଦେଲୁ। ଧିକ୍ ତୋ ଜୀବନ... ଧିକ ତୋ ଜନ୍ମ !! ଏତିକି କହି ପ୍ରାଣ ତ୍ୟାଗ କଲେ ଦୁର୍ଯ୍ୟୋଧନ।

ପଞ୍ଚପୁତ୍ରଙ୍କର ବେକରୁ ବାହାରୁଥିବା ଉଷ୍ମ ରକ୍ତ ସ୍ପର୍ଶରେ ଦ୍ରୌପଦୀଙ୍କ ନିଦ ଭାଙ୍ଗି ଗଲା। ଆଲୁଅରେ ପୁଅମାନଙ୍କ ମୁଣ୍ଡ ବିହୀନ ଗଣ୍ଡି ଦେଖି ସେ ବୁକୁଫଟା କ୍ରନ୍ଦନ କରି କହିଲେ - କିଏ ମୋର ନିରୀହ, ନିଷ୍ପାପ ପୁତ୍ରମାନଙ୍କୁ ହତ୍ୟା କଲା !

ଇତିମଧ୍ୟରେ ଶ୍ରୀକୃଷ୍ଣଙ୍କ ସହିତ ପାଣ୍ଡବମାନେ ଫେରିଆସି ସବୁକଥା ଜାଣିଲେ। ପଞ୍ଚୁପାଣ୍ଡବ ଏକ ସମୟରେ ପ୍ରଶ୍ନ କଲେ - କିଏ ସେ ନୃଶଂସ ହତ୍ୟାକାରୀ। ଶ୍ରୀକୃଷ୍ଣ କହିଲେ - ଏହା ନରାଧମ ଅଶ୍ୱତଥାମାର କାର୍ଯ୍ୟ। ଯୁଧିଷ୍ଠିର ଭୀମ ଓ ଅର୍ଜୁନଙ୍କୁ ଆଦେଶ ଦେଲେ - ତୁରନ୍ତ ଜଙ୍ଗଲ ଭିତରୁ ଅଶ୍ୱତ୍ଥାମାଙ୍କୁ ବାନ୍ଧି ଆଣି ଦ୍ରୌପଦୀଙ୍କ ନିକଟରେ ହାଜର କରାଅ। ସ୍ୱୟଂ ଦ୍ରୌପଦୀ ହିଁ ପୁତ୍ରହନ୍ତା ପାଇଁ ଦଣ୍ଡ ବିଧାନ କରି ପ୍ରତିଶୋଧ ନିଅନ୍ତୁ। ତୁରନ୍ତ ଆଦେଶ ପାଳିତ ହେଲା। ଦ୍ରୌପଦୀଙ୍କ ପାଦ ତଳେ ବନ୍ଦୀ ଅବସ୍ଥାରେ ନିକ୍ଷିପ୍ତ ଅଶ୍ୱତଥାମାକୁ ଦଣ୍ଡିତ କରିବା ପାଇଁ ତାଙ୍କ ହାତରେ ତରବାରୀ ଧରାଇ ଦେଇ ଅର୍ଜୁନ କହିଲେ - ଦେବୀ ! ଏଭଳି କୃତଘ୍ନ ପାପୀର ଏକ ମାତ୍ର ଦଣ୍ଡ ହେଉଛି ମୃତ୍ୟୁଦଣ୍ଡ। କାଳ ବିଳମ୍ବ ନ କରି ଏହାର ଶିର ଛେଦନ କର।

ଦ୍ରୌପଦୀ ତରବାରୀ ଦୂରକୁ ଫିଙ୍ଗି ଦେଇ ଅଶ୍ୱତଥାମାଙ୍କୁ ବନ୍ଧନ ମୁକ୍ତ କଲେ। ତାପରେ ତାଙ୍କର ପଦ ବନ୍ଦନା କଲେ। ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇ ଛିଡା ହୋଇଥିଲେ। ଅର୍ଜୁନ ପଚାରିଲେ - ଦେବୀ ! ଏ ପାପୀକୁ ମୃତ୍ୟୁ ଦଣ୍ଡ ଦେଲନାହିଁ କାହିଁକି ?

ଦ୍ରୌପଦୀ କହିଲେ - ଗୁରୁପୁତ୍ର ଅଶ୍ୱତଥାମା ବ୍ରାହ୍ମଣ। ପୁଣି ମୋର ବାନ୍ଧବୀ କୃପୀଙ୍କର ପୁତ୍ର। ବ୍ରହ୍ମ ହତ୍ୟା ପାପ କଲେ ମୁଁ କଣ ମୋ ପାଞ୍ଚପୁଅଙ୍କୁ ଫେରି ପାଇବି। ତାଛଡା ମୋ ବଂଶ ତ ବୁଡିଲା। ମୋର ବାନ୍ଧବୀଙ୍କର ବଂଶ ବୁଡାଇ ମୋତେ କି ଲାଭ ମିଳିବ। ବରଂ ଏହାଙ୍କ ମସ୍ତକରେ ଥିବା ଦିବ୍ୟ ମଣିଟି ବାହାର କରି ଆଣି ତାଙ୍କୁ ଅପମାନିତ କରି ଛାଡ଼ି ଦିଅ। ଅପମାନ ହିଁ ମୃତ୍ୟୁ ଦଣ୍ଡ ସହିତ ସମାନ !!!



*ଉଦଳା, ମୟୂରଭଞ୍ଜ*
*ମୋ- ୭୦୦୮୨୩୭୬୫୦*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ମାର୍ଚ୍ଚ, ଶନିବାର, ୨୦୨୫



# ଆଇପିଏଲ ୨୦୨୫ ପାଇଁ ଆସିଲା ନୂଆ ନିୟମ



**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଆଉଟ-ନଟ ଆଉଟ କିମ୍ବା ଅନ୍ୟାନ୍ୟ ନିଷ୍ପତ୍ତିରେ ଯେପରି ତ୍ରୁଟିର ସୁଯୋଗ ନ ଥାଏ, ସେଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଯଥାସମ୍ଭବ ପ୍ରୟାସ କରୁଛି । ଏବେ ବିସିସିଆଇ ସର୍ଟ ବଲରେ ନୋ-ବଲ କିମ୍ବା ୱାଇଡ୍ ନିଷ୍ପତ୍ତି ନେବାର ଏକ ନୂତନ ଉପାୟ ଖୋଜି ବାହାର କରିଛି । ବର୍ତ୍ତମାନ ଆଇପିଏଲରେ ଜଣେ ବୋଲର ଗୋଟିଏ ଓଭରରେ ୨ଟି ବାଉନ୍ସର ପକାଇପାରିବେ । ସେହି ଓଭରରେ ତୃତୀୟ ସର୍ଟ ବଲକୁ ନୋ-ବଲ ଘୋଷଣା କରାଯାଏ । ସୂଚନାଯୋଗ୍ୟ, ଆଇପିଏଲ ୨୦୨୪ରେ, ଖେଳାଳିଙ୍କ ଅଣ୍ଟା ଉଚ୍ଚତା ମାପି ନୋ-ବଲ୍ ଚିହ୍ନଟ କରିବା ପାଇଁ ଏକ ନୂତନ ପ୍ରଯୁକ୍ତି ଉଦ୍ଭାବନ କରାଯାଇଥିଲା । ଏବେ ବୋର୍ଡ ସେହି ଦିଗରେ ଏକ ପାଦ ଆଗକୁ ବଢାଇଛି । ଟାଇମ୍ସ ଅଫ ଇଣ୍ଡିଆ ଏକ ସୂତ୍ରକୁ ଉଦ୍ଧୃତ କରି କହିଛି, 'ଯେତେବେଳେ ବ୍ୟାଟସମ୍ୟାନ କ୍ରିଜ ଭିତରେ ଠିଆ ହୁଅନ୍ତି, ତାଙ୍କର କଟି ଉଚ୍ଚତା, କାନ୍ଧ ଉଚ୍ଚତା ଏବଂ ମୁଣ୍ଡ ଉଚ୍ଚତା ମାପ କରାଯିବ । ଏହି ତଥ୍ୟ ହକ୍-ଆଇ ଅପରେଟରଙ୍କ ଦ୍ୱାରା ବ୍ୟବହୃତ ସିଷ୍ଟମ୍‌ରେ ଅପଲୋଡ୍ କରାଯିବ । ଏହି ଅପରେଟର ତୃତୀୟ ଅମ୍ପାୟାରଙ୍କ ସହିତ ବସିଥାନ୍ତି । ଏହା କଟି ଉଚ୍ଚତା ଫୁଲ୍-ଟସ୍ ବଲ, ବାଉନ୍ସର, ନୋ ବଲ ଏବଂ ୱାଇଡ ବଲ ଚିହ୍ନଟ କରିବ । ଖେଳାଳିମାନଙ୍କଠାରୁ ସଂଗୃହିତ ତଥ୍ୟ ବ୍ୟାଟିଂ ସମୟରେ ଫୁଲ୍-ଟସ ବଲ ଏବଂ ଅନ୍ୟାନ୍ୟ ନିଷ୍ପତ୍ତି ବିଚାର କରିବାରେ ସହାୟକ ହେବ ।'

## ଆଜି ଆଇପିଏଲ-୨୦୨୫ ଉଦ୍‌ଘାଟନ

# ବର୍ଷା ଯୋଗୁ ବାତିଲ ହୋଇପାରେ ମ୍ୟାଚ୍

**କୋଲକାତା**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ଡିଫେଣ୍ଡିଂ ଚାମ୍ପିଅନ୍ କୋଲକାତା ନାଇଟ୍ ରାଇଡର୍ସ ଶନିବାର ସିଜିନ୍‌ର ପ୍ରଥମ ମୁକାବିଲାରେ ବିରାଟ କୋହଲିଙ୍କ ଅଭିନୀତ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ମୁକାବିଲା କରିବାକୁ ଯାଉଛି । ଉଦ୍‌ଘାଟନୀ ସମାରୋହର ପ୍ରଦର୍ଶନ ମଧ୍ୟ ସୂଚୀବଦ୍ଧ କରାଯାଇଛି, କଳାକାରମାନଙ୍କ ମଧ୍ୟରେ ଦିଶା ପଟାନି ଏବଂ ଶ୍ରେୟା ଘୋଷାଲ ମଧ୍ୟ ପ୍ରଦର୍ଶନ କରିବେ ।

ତଥାପି, ଠିକ୍ ଏହାର ଗୋଟିଏ ଦିନ ପୂର୍ବରୁ ପାଣିପାଗ ବିଭାଗ ଅରେଞ୍ଜ ଆଲର୍ଟ ଜାରି କରିବା ସହିତ ସିଜିନ୍‌ର ଉଦଘାଟନୀ ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହେବାର ସମ୍ଭାବନା ରହିଛି । ଭାରତ ପାଣିପାଗ ବିଭାଗ



(ଆଇଏମ୍‌ଡି) ରବିବାର ପର୍ଯ୍ୟନ୍ତ ଦକ୍ଷିଣ ବଙ୍ଗରେ ଝଡ଼ତୋଫାନ ଏବଂ ବର୍ଷା ହେବାର ପୂର୍ବାନୁମାନ କରିଛି । ମାର୍ଚ୍ଚ ୨୨ ପାଇଁ, ଆଇପିଏଲ ୨୦୨୫ର ଉଦ୍‌ଘାଟନୀ ଦିନରେ, ଅରେଞ୍ଜ ଆଲର୍ଟ ଜାରି କରାଯାଇଛି ଯେତେବେଳେ ରବିବାର ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି ।

ରିପୋର୍ଟ ଅନୁଯାୟୀ, ଶନିବାର କୋଲକାତାରେ ବର୍ଷା ହେବାର ସମ୍ଭାବନା ୭୪% ଅଛି ଯେତେବେଳେ ମେଘ ଆଚ୍ଛାଦନ ୯୭% ରହିବ । ସନ୍ଧ୍ୟାରେ ବର୍ଷା ହେବାର ସମ୍ଭାବନା ୯୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ତେଣୁ ଏହା ନିଶ୍ଚିତ ଯେ ଆଇପିଏଲର ୧୮ତମ ସଂସ୍କରଣର ପ୍ରଥମ ଦିନରେ ଇଡେନ୍ ଗାର୍ଡେନ୍ସରେ ପ୍ରଚୁର ବର୍ଷା ହେବ । କୋଲକାତା ଏବଂ ଆରସିବି ଫଳାଫଳ ପାଇଁ ପର୍ଯ୍ୟାପ୍ତ ଓଭର ଖେଳିପାରିବେ କି ନାହିଁ, ତାହା ବର୍ତ୍ତମାନ କହିବା କଷ୍ଟକର ।

ଇଡେନ୍ ଗାର୍ଡେନ୍ସରେ ଗୋଟିଏ ମ୍ୟାଚ୍ ପୂର୍ବରୁ ପୁନଃନିର୍ଦ୍ଧାରିତ ହେଉଛି । ଏପ୍ରିଲ ୬ ରେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷରେ ନାଇଟ୍ ରାଇଡର୍ସର ଘରୋଇ ଖେଳ ଗୌହାଟୀକୁ ସ୍ଥାନାନ୍ତରିତ ହେବାକୁ ଯାଉଛି କାରଣ ପୋଲିସ ସେହିଦିନ ସହରରେ 'ରାମ ନବମୀ' ଉତ୍ସବ ହେତୁ ଆଇପିଏଲ ପ୍ରତିଯୋଗିତା ପାଇଁ ସୁରକ୍ଷା ଯୋଗାଇବାରେ ଅକ୍ଷମତା ପ୍ରକାଶ କରିଛି, ସିଏବି ସଭାପତି ସ୍ନେହାଶିଷ ଗାଙ୍ଗୁଲି ଗଣମାଧ୍ୟମକୁ କହିଛନ୍ତି ।

# ଆଇଓସି ମହିଳା ଅଧକ୍ଷ ହେଲେ କ୍ରିଷ୍ଟି କୋଭେଣ୍ଟ୍ରି



**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସଭାପତି ଜୟ ଶାହ ଆନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ନବ ନିର୍ବାଚିତ ସଭାପତି କ୍ରିଷ୍ଟି କୋଭେଣ୍ଟ୍ରିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । କ୍ରିଷ୍ଟି କୋଭେଣ୍ଟ୍ରି ପ୍ରଥମ ମହିଳା ଯିଏ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ସଭାପତି ହୋଇଛନ୍ତି । ଏହା ବ୍ୟତୀତ କ୍ରିଷ୍ଟି କୋଭେଣ୍ଟ୍ରି ଜିମ୍ବାୱେର କ୍ରୀଡ଼ା ମନ୍ତ୍ରୀ ଅଛନ୍ତି । ତଥାପି ଏବେ ସେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ସଭାପତି ପଦ ଗ୍ରହଣ କରିବେ ।

ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଅଧକ୍ଷ ହେବା ପାଇଁ କ୍ରିଷ୍ଟିଙ୍କୁ ଅଭିନନ୍ଦନ ଜଣାଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦର ଅଧକ୍ଷ ଜୟ ଶାହ କହିଛନ୍ତି ଯେ ସେ ଲସ୍ ଆଞ୍ଜେଲସ ଅଲିମ୍ପିକ ଗେମ୍ସ ୨୦୨୮ରେ କ୍ରିକେଟକୁ ସାମିଲ କରିବା ପାଇଁ ପ୍ରତିବଦ୍ଧ । ଏଥିପାଇଁ ସେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ନବନିର୍ବାଚିତ ସଭାପତି କ୍ରିଷ୍ଟିଙ୍କ ସହ କାମ କରିବାକୁ ଅପେକ୍ଷା କରିଛନ୍ତି ।

ପୂର୍ବରୁ, କ୍ରିକେଟକୁ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୨୦୨୩ ଏସୀୟ କ୍ରୀଡ଼ାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ସେହି ସମୟରେ, ୨୦୨୮ ଲସ ଆଞ୍ଜେଲସ ଅଲିମ୍ପିକ ଗେମ୍ସରେ କ୍ରିକେଟକୁ ସାମିଲ କରିବା ପାଇଁ ଏବେ ପ୍ରସ୍ତୁତି ଚାଲିଛି । ଯଦି ଏହା ହୁଏ, ତେବେ ପ୍ରାୟ ୧୨୮ ବର୍ଷ ପରେ କ୍ରିକେଟ ଅଲିମ୍ପିକ୍ସ ଗେମ୍ସକୁ ଫେରିବ । ସୂଚନାଯୋଗ୍ୟ, କ୍ରିଷ୍ଟି କୋଭେଣ୍ଟ୍ରି ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଦଶମ ଅଧକ୍ଷ ହେବେ । ଏହା ବ୍ୟତୀତ, ସେ ଆଇଓସିର ସଭାପତି ନିର୍ବାଚିତ ହେବାରେ ପ୍ରଥମ ମହିଳା ଏବଂ ପ୍ରଥମ ଆଫ୍ରିକୀୟ ହେବେ । ଗ୍ରୀସ୍‌ର କୋଷ୍ଟା ନାଭାରିନୋରେ ଅନୁଷ୍ଠିତ ଆଇଓସିର ୧୪୪ତମ ଅଧିବେଶନରେ କ୍ରିଷ୍ଟି କୋଭେଣ୍ଟ୍ରିଙ୍କୁ ଅଧକ୍ଷ ନିର୍ବାଚିତ କରାଯାଇଥିଲା । ପୂର୍ବରୁ, କ୍ରିଷ୍ଟି କଭେଣ୍ଟ୍ରିଙ୍କୁ ଆଇସିସି ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍ ପାଇଁ ନିମନ୍ତ୍ରଣ କରାଯାଇଥିଲା । ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ ସମୟରେ କ୍ରିଷ୍ଟି କୋଭେଣ୍ଟ୍ରିଙ୍କୁ ଦେଖିବାକୁ ମିଳିଥିଲା । ତଥାପି, ଯଦି କ୍ରିକେଟ ଅଲିମ୍ପିକ ଗେମ୍ସରେ ପୁନରାଗମନ କରେ, ତେବେ ଏହାକୁ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯିବ । କ୍ରିକେଟ ବ୍ୟତୀତ, ବେସ୍‌ବଲ, ଫ୍ଲାଗ୍ ଫୁଟବଲ୍, ଲାକ୍ରୋସ ଏବଂ ସ୍କ୍ୱାସ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ ଗେମ୍ସରେ ଫେରିବାର ସମ୍ଭାବନା ଅଛି ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୦ତମ କ୍ରୀଡ଼ା ଉତ୍ସବ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖେଳ କୁଦ ଦ୍ୱାରା କେବଳ ଶାରୀରିକ ବିକାଶ ନୁହେଁ ବୌଦ୍ଧିକ ବିକାଶ ବି ସମ୍ଭବପର ହୋଇଥାଏ । ଖେଳାଳି ନିଜେ ଦେଖୁଥିବା ସ୍ୱପ୍ନକୁ ସାକାର କରିବାପାଇଁ ତା'ର ସାମର୍ଥ୍ୟ ଉପଯୋଗ କରି ସଫଳତା ହାସଲ କରିଥାଏ ବୋଲି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ମତବ୍ୟକ୍ତ କରିଛନ୍ତି । ପ୍ରତିଷ୍ଠାନର ଖେଳ ପଡ଼ିଆରେ ଦୁଇଦିନିଆ ୬୦ତମ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରି ସେ କହିଲେ ଯେ, କ୍ରୀଡ଼ା ଓ କ୍ରୀଡ଼ାବିତ୍ ସର୍ବଦା ସମାଜକୁ ଶୃଙ୍ଖଳିତ କରିଥାନ୍ତି । କ୍ରୀଡ଼ା ଉତ୍ସବର ପ୍ରାରମ୍ଭରେ ଛାତ୍ର ପରିଷଦର ଉପଦେଷ୍ଟା ପ୍ରଫେସର ଲକ୍ଷ୍ମୀଧର ବେହେରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । କ୍ରୀଡ଼ା ଉତ୍ସବର ସଂଯୋଜକ ପ୍ରଫେସର ରାମାକାନ୍ତ ମାହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫେସର ରୀତାଞ୍ଜଳି ଦାଶ, ଡ. ସୌରଭ କାପୁର, ଡ. କଳିଙ୍ଗ କେତକୀ, ଡ. ବେଦପ୍ରକାଶ ବର୍ମା ଓ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକାଗଣ ଉପସ୍ଥିତ ରହି ପ୍ରତିଭାଗୀଙ୍କୁ ଉତ୍ସାହିତ କରିଥିଲେ । ପ୍ରତିଷ୍ଠାନର କ୍ରୀଡ଼ା ଶିକ୍ଷକ ବୃନ୍ଦାବନ ଭୋଇ ଓ ଅଧ୍ୟାପକ ଡ. କେତୁଲ କୁମାର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ସଂଯୋଜନା କରୁଅଛନ୍ତି । ଏହି ସମାରୋହରେ ପୁରାତନ ଛାତ୍ରସଂସଦର ସଭାପତି ଡ. ହାଡିବନ୍ଧୁ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ । କାର୍ଯ୍ୟକାରୀ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ରାଉତ, ଅନୁଭାଗ ଅଧିକାରୀ ଅଶୋକ କୁମାର ବଳିଆରସିଂହ ଓ ଅନାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଉଦ୍‌ଯାପନୀ ଉତ୍ସବରେ ପ୍ରସିଦ୍ଧ ପାରା ଅଲମ୍ପିଆନ ପଦ୍ମଶ୍ରୀ ପ୍ରମୋଦ ଭଗତ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

## ଓପି ଜିନ୍ଦଲ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ପେନାଲ୍ଟି ସୁଟ୍‌ଆଉଟ୍‌ରେ ସେରେଣ୍ଡା ଚାମ୍ପିଅନ୍

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ ଆଇରନ ଏଣ୍ଡ ଡୋଲୋମାଇଟ ଖଣି ପାର୍ଶ୍ୱବର୍ତ୍ତୀ କାଶିଆ(କ) ଗ୍ରାମରେ ଚାଲିଥିବା ଓପି ଜିନ୍ଦଲ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ କାଶିଆ(ଖ) ଟିମ୍‌କୁ ପେନାଲ୍ଟି ସୁଟ୍‌ଆଉଟ୍‌ରେ ହରାଇ ସେରେଣ୍ଡା ଟିମ୍ ଚାମ୍ପିଅନ ହୋଇଛି । ୩ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ସେରେଣ୍ଡା, ଭଦ୍ରାସାହି ପଞ୍ଚାୟତର ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ ।

ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବଡ଼ବିଲ ଏସଡିପିଓ ଡିଏନ୍ ପିଙ୍ଗୁଆ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କାଶିଆ ମାଇନ୍ସ ୟୁନିଟ ହେଡ୍ ପ୍ରମୋଦ




କୁମାର ପାତ୍ର, ସେରେଣ୍ଡା ସରପଞ୍ଚ ସୁସ୍ମିତା ସିଦ୍ଧୁ, ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ ଯୋଗଦେଇଥିଲେ । ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ଜେଏସ୍‌ପିର ପ୍ରତିଶ୍ରୁତିବଦ୍ଧତାକୁ ଅତିଥିମାନେ ପ୍ରଶଂସା କରିଥିଲେ । ଏଭଳି କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଅଞ୍ଚଳର ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ସହ ଅଞ୍ଚଳରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବ ବୋଲି ଅତିଥିମାନେ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ସିଏସଆର ମୁଖ୍ୟ ଉର୍ଜିଲ ଲାକ୍ରାଙ୍କ ସମେତ ଅନ୍ୟ ଅଧିକାରୀ ଓ ସ୍ଥାନୀୟ ଗ୍ରାମର ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ୧୫ ବର୍ଷରୁ କମ ବାଳକ, ବାଳିକା ଟିମ୍ ସମେତ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ବୟସ୍କଲୋକମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

# ନ୍ୟୁଜିଲାଣ୍ଡକୁ ୯ ୱିକେଟରେ ହରାଇଲା ପାକିସ୍ତାନ

**ଅକଲାଣ୍ଡ**

ନ୍ୟୁଜିଲାଣ୍ଡ ବିପକ୍ଷରେ ଶୁକ୍ରବାର ଖେଳାଯାଇଥିବା ତୃତୀୟ ମ୍ୟାଚ୍‌କୁ ପାକିସ୍ତାନ ୯ ଉଇକେଟରେ ଜିତି ନେଇଛି । ନ୍ୟୁଜିଲାଣ୍ଡ ଦ୍ୱାରା ପ୍ରଦତ୍ତ ୨୦୫ ରନର ଟାର୍ଗେଟକୁ ହାସନ ନୱାଜଙ୍କ ଅପରାଜିତ ଶତକ ବଳରେ ପାକିସ୍ତାନ ୧୬ ଓଭରରେ ୧ ଉଇକେଟ ହରାଇ ହାସଲ କରି ନେଇଛି । ଏହି ବିଜୟ ସହ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜକୁ ପାକିସ୍ତାନ ୧-୨ ସ୍ଥିତିକୁ ଆଣିଛି । ସିରିଜର ଚତୁର୍ଥ ମ୍ୟାଚ ଆସନ୍ତା ୨୩ ତାରିଖରେ ମାଉଣ୍ଟ ମାଉଙ୍ଗାନୁଇରେ ଖେଳାଯିବ ।

ପାଇ ପ୍ରଥମେ ବ୍ୟାଟିଂ କରିଥିବା ନଭ୍ୟୁଜିଲାଣ୍ଡ ୧୯.୫ ଓଭରରେ ୨୦୪ ରନ କରି ଅଲଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ମାର୍କ ଚାପମ୍ୟାନ ସର୍ବାଧିକ ୯୪ (୧୧ ଚୌକା ଓ ୪ ଛକା) ଓ ଅଧିନାୟକ ମାଇକେଲ ବ୍ରେସ୍‌ୱେଲ ୩୧ ରନ କରିଥିଲେ । ପାକିସ୍ତାନ ବୋଲରଙ୍କ ମଧ୍ୟରେ ହାରିସ ରୌଫ ୩ ଉଇକେଟ ନେଇଥିବା ବେଳେ ଶାହିନ ଶାହ ଆଫ୍ରିଦୀ, ଆବରାର ଅହମ୍ମଦ ଓ ଆବାସ ଆଫ୍ରିଦୀ ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ।

ଜବାବରେ ପାକିସ୍ତାନ ୧୬ ଓଭରରେ ୧ ଉଇକେଟ ହରାଇ ୨୦୭ ରନ କରି ନେଇଥିଲା । ଦଳ ପାଇଁ ନୱାଜ ୪୫ ବଲରେ ୧୦ ଚୌକା ଓ ୭ ଛକା ସହିତ ୧୦୫ ରନ କରି ଅପରାଜିତ ରହିଥିଲେ । ଏହା ତାଙ୍କ ଅନ୍ତର୍ଜାତୀୟ ଟି୨୦ କ୍ୟାରିୟରର ପ୍ରଥମ ଶତକ ।



ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସଲମାନ ଆଘା ୫୧ ଓ ମହମ୍ମଦ ହାରିସ ୪୧ ରନ କରିଥିଲେ ।

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ବିଡ୍ ଦାଖଲ କଲା ଭାରତ

**ନୂଆଦିଲ୍ଲୀ**

କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ, ଭାରତ ଗୁରୁବାର ଅହମ୍ମଦାବାଦ ସହରରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ବିଡ୍ ଦାଖଲ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତରେ ୨୦୩୬ ଗ୍ରୀଷ୍ମକାଳୀନ କ୍ରୀଡ଼ା ଆୟୋଜନ କରିବାକୁ ଚାହିଁଥିବାରୁ ଏହି ପଦକ୍ଷେପକୁ ଭାରତୀୟ ଅଲିମ୍ପିକ୍ ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ଦେଖାଯାଉଛି ।

ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) କିଛି ଦିନ ପୂର୍ବରୁ ଏକ ପତ୍ର ଦାଖଲ କରିଥିଲା ଯେଉଁଥିରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୦୩୦ ସଂସ୍କରଣ ଆୟୋଜନ ପାଇଁ ସେମାନଙ୍କର ଆଗ୍ରହ ପ୍ରକାଶ କରାଯାଇଥିଲା । ଭାରତ ଶେଷ ଥର ପାଇଁ ୨୦୧୦ରେ ଏହି ପ୍ରମୁଖ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିଥିଲା । କ୍ରୀଡ଼ା ମନ୍ତ୍ରଣାଳୟ ଅହମ୍ମଦାବାଦକୁ କ୍ରୀଡ଼ା ମହାକୁମ୍ଭ ପାଇଁ ସ୍ଥାନ ଭାବରେ ଚୂଡ଼ାନ୍ତ କରିଛି, ଯାହା ୨୦୩୬ରେ




ଗ୍ରୀଷ୍ମକାଳୀନ ଅଲିମ୍ପିକ୍ କ୍ରୀଡ଼ା ଆୟୋଜନ କରିବାକୁ ମଧ୍ୟ ପ୍ରସ୍ତୁତ ।

କମନ୍‌ୱେଲଥ ଗେମ୍ସ ଫେଡେରେସନ୍ (ସିଜିଏଫ) ଯାହା ବର୍ତ୍ତମାନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାବରେ ମଧ୍ୟ ଜଣାଶୁଣା, ମୂଲ୍ୟାଙ୍କନ ପ୍ରକ୍ରିୟା ଆରମ୍ଭ କରିବ ଯେତେବେଳେ ସିଜିଏଫ ସାଧାରଣ ସଭା ଆୟୋଜକ ଦେଶର ନିଯୁକ୍ତି ଚୂଡ଼ାନ୍ତ କରିବ । ସମ୍ପ୍ରତି, କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ମଧ୍ୟ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ବିଡ୍ କରିବା ପାଇଁ ସେମାନଙ୍କର ଯୋଜନା ବିଷୟରେ କହିଥିଲେ ।

ଭାରତ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ବାଦ୍ ଦିଆଯାଇଥିବା ସମସ୍ତ ବିଷୟର ଆୟୋଜନ କରିବାକୁ ମଧ୍ୟ ଚାହୁଁଥିଲା ଯାହା ଦ୍ୱାରା ଗ୍ଲାସଗୋରେ ଇଭେଣ୍ଟ ଆୟୋଜନ ସମୟରେ ଏହାର ପଦକ ସଂଖ୍ୟା ପ୍ରଭାବିତ ନହୁଏ । ତଥାପି, ସିଜିଏଫ ଦ୍ୱାରା ସେହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯାଇ ଥିଲା । ସାମ୍ପ୍ରତିକ ସମୟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜକ ଖୋଜିବା ପାଇଁ ସଂଘର୍ଷ କରୁଛି ଏବଂ ବର୍ଦ୍ଧିତ ଖର୍ଚ୍ଚ ଯୋଗୁଁ ଅଷ୍ଟ୍ରେଲିଆର ଆୟୋଜକ ଭିକ୍ଟୋରିଆ ପଛକୁ ହଟିଯିବା ପରେ ଆଗାମୀ ସଂସ୍କରଣର ଭାଗ୍ୟ ମଧ୍ୟ ବିପଦରେ ପଡ଼ିଛି ।

ଗ୍ଲାସଗୋ କ୍ରୀଡ଼ା ଇଭେଣ୍ଟର ତ୍ରାଣକର୍ତ୍ତା ଭାବରେ ଉଭା ହୋଇଥିଲା କିନ୍ତୁ ଚାରୋଟି ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା କ୍ରୀଡ଼ା ସଂଖ୍ୟାକୁ ଦଶକୁ ହ୍ରାସ କରିଥିଲା । ଏହି ସମୟରେ, ଭାରତରେ ଶେଷ ଦୁଇଟି ପ୍ରମୁଖ କ୍ରୀଡ଼ା ଇଭେଣ୍ଟ ଜାତୀୟ ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା ଯଥା ୧୯୮୨ରେ ଏସୀୟ କ୍ରୀଡା ଏବଂ ୨୦୧୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା । ଗତ କିଛି ବର୍ଷ ଧରି, ଅହମ୍ମଦାବାଦକୁ ଦେଶର କ୍ରୀଡ଼ା ହବ୍ ଭାବରେ ଗଢ଼ି ତୋଳିଛି କାରଣ ଏହା ୨୦୨୩ରେ ଦିନିକିଆ ବିଶ୍ୱକପ୍ ଫାଇନାଲ୍ ମଧ୍ୟ ଆୟୋଜନ କରିଥିଲା । ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭଳି ଏକ ବହୁ-କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିବା ଦ୍ୱାରା ଭାରତକୁ ଆଗାମୀ କିଛି ବର୍ଷ ମଧ୍ୟରେ ସେମାନଙ୍କର ଅଲିମ୍ପିକ୍ ସ୍ୱପ୍ନ ଆଡ଼କୁ ଏକ ବିରାଟ ପଦକ୍ଷେପ ନେବା ସହିତ ଏହି ପ୍ରମୁଖ ଇଭେଣ୍ଟ ଆୟୋଜନ ପାଇଁ କି ପ୍ରକାରର ଭିତ୍ତିଭୂମି ଆବଶ୍ୟକ ତାହା ଏକ ସମ୍ଭାବ୍ୟ ଧାରଣା ଦେବ ।

**NOTICE INVITING TENDER** CAD-2914

Office of District Manager
Odisha State Civil Suppllon Corporation Ltd. (OSCSC)
BALANGIR (District)
Phone : 9438200035

TENDER No. 1827 Dated: 18.03.2025

Cost of Tender Document :- Rs.11800/- Inclusive of GST.
Online Tenders are invited from eligible bidders for selection and appointment of level-I transport contractor for transportation of Wheat from Food Storage Depot (FSD). FCI to Rice Receiving Centre (RRC).

| | | |
|---|---|---|
| 1 | Availibility of tender documents | From Date 20.03.2025 at 11.00A.M<br>Downloadable from website: www.oscsc.in, www.foododishn.in & www.tendersodisha.gov.in |
| 2 | Date, time and venue for pre-bid conference. | On dt. 27.03.2025, at 11.00A.M,<br>Place- CSO Office, Balangir |
| 3 | Last date and time for online submission of completed Tender Documents with enclosures | Through e-Procurement<br>Portal: www.tendersodisha.gov.in<br>Up to 5.00 P.M dt. 10.04.2025 |
| 4 | Date, time and venue for opening of Technical Bid by the Tender Committee | On dt 11.04.2025 at 11.00 A.M, Place- Conference Hall of Collectorate, Balangir |
| 5 | Date, time and venue of submission of original documents in support of scanned copies uploaded in the portal for venfication | On dt 11.04.2025 at 11.30 A.M. Place- Conference Hall of Collectorate, Balangir |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Venue of the opening of Technical & Financial Bids | Conference Hall of Collectorate, Balangir |
| 8 | Validity Period | Tenders are to remain open for acceptance for ISO days inclusive of date of opening of tender. |
| 9 | Language of the Tender | The tender should be prepared by the bidder in ' English language only. |
| 10 | Help Desk telephone no | (i) OSCSC Ltd.:-<br>District Manager :- No. 9438200035<br>Accounts Head :- No. 9439140760<br>(ii) State Procurement Cell:- 0674-2530998 /18003456765 |

N.B:1. If the office happens to be closed on the date of opening of tenders, tenders will be opened on the next working day in the same time.

Sd/- District Manager
OIPR-07031/11/0007/2425 OSCSC Ltd. Balangir

ଜଗତସିଂହପୁର ପୌରପରିଷଦ, ଜଗତସିଂହପୁର
OFFICE OF THE JAGATSINGHPUR MUNICIPALITY, JAGATSINGHPUR
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା
C-1947

No 1898 / Date 20.03.2025

**Corrigendum-1 to DQCN**

Corrigendum to Quotation Notice No. 1788/ dt.12/03/2025 with respect to quotation call Notice , the following changes has been modified are as follows.

Date of Availability of quotation call from : 12.03.2025 to 26.03.2025 up to 5.00PM
Receiving date of Notice Quotation : 27.03.2025 up to 5.00 pm
Date of Opening : 28.03.2025 at 11.30 AM
Cost of Tender paper : In shape of DD from any nationalized Bank in favour of Executive Officer, Jagatsinghpur Municipality, Jagatsinghpur for an amount of Rs 1,000 /-( one thousand) only.
EMD for Quotation : Rs 5,000/- (Five thousand only) from Nationalized Bank of DD/ Bankers cheque in Executive Officer, Jagatsinghpur municipality, Jagatsinghpur. Quotationers who have already submitted the quotation without paper cost & EMD, they should re-submit the paper cost & EMD in shape of DD/ Bankers cheque from any nationalized bank in favour of Executive officer, Jagatsinghpur Municipality through registered post/speed post only on or before 27.03.2025.
All other terms and conditions remain unchanged.

Sd/- Executive Officer
OIPR-13087/11/0023/2425 Jagatsinghpur Municipality

# ଖସାଡି-ହିନ୍ଦୁଳିଆ ରାସ୍ତା କାମ ନିମ୍ନ ମାନର ଅଭିଯୋଗ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ହିନ୍ଦୁଳିଆ ପଞ୍ଚାୟତର ଖସାଡି ଠାରୁ ଟୁବିହୁଡା ଭାୟା ହିନ୍ଦୁଳିଆ ରାସ୍ତା ଅତି ନିମ୍ନମାନର ନିର୍ମାଣ ହେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ଏହି ରାସ୍ତା କାମ ନେଇଥିବା ଠିକାଦାର ଜଣକ ଅତି ନିମ୍ନମାନର କାମ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ବିଭାଗୀୟ ଜେଇ ଓ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କେହି ରାସ୍ତା କାମ ତଦାରଖ କରିବାକୁ ଯାଉ ନାହାନ୍ତି । ଫଳରେ ଠିକାଦାର ଜଣକ ନିଜ ମନମୁତାବକ ନିମ୍ନ ମାନର କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣ ସରି ନଥିବା ବେଳେ ରାସ୍ତା ଫାଟି ଯାଇଥିବା ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।



# ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଭୋଟର କାର୍ଡ ସହ ଲିଙ୍କ୍ ହେବ ଆଧାର

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ୍ କରାଯିବା ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ନିର୍ବାଚନ ଅଧିକାରୀ ଗଞ୍ଜାମ ମତଦାତାଙ୍କୁ ନିଜ ଭୋଟର କାର୍ଡ ସହିତ ଆଧାର ଲିଙ୍କ୍ କରିବାକୁ ନିବେଦନ କରିଛନ୍ତି । ଏନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି । ନିର୍ବାଚନ କମିଶନ କହିଛନ୍ତି ଯେ, ବର୍ତ୍ତମାନ ପ୍ରଚଳିତ ଆଇନ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଭୋଟର କାର୍ଡ ସହ ଆଧାର ଲିଙ୍କ୍ କରାଯିବ । ତେବେ ଏହା ବାଧ୍ୟତାମୂଳକ ଭାବେ ନୁହେଁ, ସମ୍ପୂର୍ଣ୍ଣ ଇଚ୍ଛାଧୀନ ଭାବେ କରାଯିବ ବୋଲି କମିଶନ କହିଛନ୍ତି । ନିର୍ବାଚନ କମିଶନଙ୍କ କହିବାନୁଯାୟୀ ସମ୍ବିଧାନର ଧାରା ୩୨୬ ଅନୁସାରେ ମତଦାନର ଅଧିକାର କେବଳ ଭାରତୀୟ ନାଗରିକଙ୍କୁ ମିଳିଥାଏ । କିନ୍ତୁ ଆଧାର ହେଉଛି କେବଳ ଜଣେ ବ୍ୟକ୍ତିଙ୍କ ପରିଚୟ । ସେଥିପାଇଁ ଭୋଟର ପରିଚୟ ପତ୍ର ସହିତ ଆଧାର ନମ୍ବର ଲିଙ୍କ୍ କରାଇବା ଲାଗି ସମସ୍ତ ଆଇନ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଭୋଟର କାର୍ଡ ସହ ଆଧାର ଲିଙ୍କ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ପାରଦର୍ଶିତା ଓ ସମାବେଶିତାକୁ ପ୍ରୋତ୍ସାହିତ କରିବା । ଏଥିପାଇଁ ନିର୍ବାଚନ କମିଶନ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ବୈଠକ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଭୋଟର କାର୍ଡ ସହିତ ଆଧାର ଲିଙ୍କ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏଥି ନିମନ୍ତେ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇ ନାହିଁ । ଯେଉଁମାନେ ନିଜର ଭୋଟର କାର୍ଡ କୁ ଆଧାର ସହ ଯୋଡିବେ ନାହିଁ, ସେମାନଙ୍କ ନାମ ଭୋଟର ତାଲିକାରୁ କଟିବ ନାହିଁ । ଏଥିସହ ନିର୍ବାଚନ କମିଶନ ମଧ୍ୟ ଏହି ମାମଲାରେ ସମସ୍ତ ଜାତୀୟ ଓ ରାଜ୍ୟ ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳମାନଙ୍କ ଠାରୁ ଏପ୍ରିଲ ୩୦ ସୁଦ୍ଧା ଆବଶ୍ୟକ ପରାମର୍ଶ ମାଗିଛନ୍ତି ।

# ଯୁବକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଗତ ହୋଲି ଦିନ ଚୌଦ୍ୱାର ଥାନା ଅଧିନ ଓଟିଏମ କଲୋନୀରେ ଜନୈକ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ କରି ଗୁରୁତର କରିଥିବା ଅଭିଯୋଗରେ ଚୌଦ୍ୱାର ପୋଲିସ୍ ଗୁରୁବାର ଦିନ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ୮ନମ୍ବର ୱାର୍ଡ଼ ଅନ୍ତର୍ଗତ ଓଟିଏମ୍ କଲୋନୀର ସ୍ନେହାଶିଷ ମଲ୍ଲିକ (୨୦) । ପୋଲିସ ସୂଚନା ଅନୁଯାୟୀ ଗତ ୧୫ ତାରିଖ ଦିନ ଓଟିଏମ୍ କଲୋନୀର କମଳ କୁମାର ପ୍ରଧାନ ଥାନାରେ ଅଭିଯୋଗ କରିଥିଲେଯେ ହୋଲିଦିନ ୪ଜଣ ଯୁବକ ଆସି କମଳଙ୍କ ଘର ଆଗରେ ଅଭଦ୍ର ଭାଷାରେ ହୋହାଲ୍ଲା କରିଥିଲେ । କମଳ ଏହାକୁ ବିରୋଧ କରିବାରୁ ଉକ୍ତ ଯୁବକ ମାନେ ତାଙ୍କୁ ମରଣାତ୍ମକ ଆକ୍ରମଣ କରି ଗୁରୁତର କରିଥିଲେ । ଆକ୍ରମଣରେ ତାଙ୍କ ମୁଣ୍ଡ ଫାଟିଯିବା ସହିତ ଛାତିରେ ଗଭୀର ଆଘାତ ଲାଗିଥିଲା । ଅଭିଯୋଗ ପାଇ ପୋଲିସ୍ ଘଟଣାର ତଦନ୍ତ କରିବା ସହିତ ଅଭିଯୁକ୍ତ ସ୍ନେହାଶିଷଙ୍କୁ ଗିରଫ କରିଥିଲେ । ଅନ୍ୟ ୩ଜଣ ଫେରାର ଥିବା ଜଣା ପଡ଼ିଛି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆୟୁଷ୍ମାନ ଭାରତ...

ସୂଚନାଯୋଗ୍ୟ ଯେ, ରାଜ୍ୟର ସବୁ ସରକାରୀ ଡାକ୍ତରଖାନାରେ ସମସ୍ତ ନାଗରିକମାନଙ୍କ ପାଇଁ ଦେୟମୁକ୍ତ ଚିକିତ୍ସା ବର୍ତ୍ତମାନ ପରି ଚାଲୁରହିବ । ରାଜ୍ୟ କ୍ୟାବିନେଟ୍ ୨୦୨୫-୨୬ ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୨୭ ହଜାର ୧୯ କୋଟି ୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଅନୁମୋଦନ କରିଛନ୍ତି । ଖଣି କାର୍ଯ୍ୟ ଯୋଗୁଁ ଖଣି ଅଞ୍ଚଳରେ କ୍ଷତିଗ୍ରସ୍ତ ପରିବାରକୁ ଆଶ୍ୱସ୍ତି ଦେବା ପାଇଁ ଓଡ଼ିଶା ଜିଲ୍ଲା ଖଣିଜ ଫାଉଣ୍ଡେସନ ନିୟମ-୨୦୧୫ ପ୍ରଣୟନ କରାଯାଇଥିଲା । କେନ୍ଦ୍ର ସରକାର ପ୍ରଚଳିତ ଡିଏମଏଫ୍ ନିୟମରେ ଆବଶ୍ୟକ ସଂଶୋଧନ କରିଛନ୍ତି । ଏହି ସଂଶୋଧନରେ ଅନେକ ନୂତନ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହୋଇଛି ଯାହା ଏ ପର୍ଯ୍ୟନ୍ତ ଉପଲବ୍ଧ ନଥିଲା । ପ୍ରଭାବିତ ଅଂଚଳରେ କାର୍ଯ୍ୟ ତାଲିକା କେବଳ ଡିଏମଏଫ୍ ଟ୍ରଷ୍ଟ ନିର୍ଦ୍ଧାରଣ କରିବ ଏବଂ ଏହାକୁ ଅନ୍ୟ କେହି ନିର୍ଦ୍ଧାରଣ କିମ୍ବା ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସଂଶୋଧିତ ନିୟମାବଳୀ ଅନୁସାରେ ସିଧାସଳଖ ପ୍ରଭାବିତ ଅଞ୍ଚଳ ସୀମା ୧୦ କିଲୋମିଟରରୁ ବୃଦ୍ଧି କରି ୧୫ କିଲୋମିଟରକୁ କରାଯାଇଛି। ସେହିପରି ପରୋକ୍ଷ ପ୍ରଭାବିତ ଅଞ୍ଚଳର ସର୍ବାଧିକ ସୀମା ୨୫ କିଲୋମିଟରରେ ସୀମିତ ରଖାଯାଇଛି । ଏହି ପାଣ୍ଠି ସେହି ଲୋକମାନଙ୍କ ପାଇଁ ବ୍ୟବହୃତ ହେବ, ଯେଉଁ ମାନେ ପ୍ରକୃତରେ ଖଣି ସମ୍ବନ୍ଧୀୟ କାର୍ଯ୍ୟ ଯୋଗୁଁ ପ୍ରତିକୂଳ ଭାବେ ପ୍ରଭାବିତ ହୁଅନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ କ୍ୟାବିନେଟ୍ ଏହି ସନ୍ଦର୍ଭରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଖଣି-ଖାଦାନ ସୀମାଠାରୁ ପାଞ୍ଚ କିଲୋମିଟର ଅଞ୍ଚଳ ମଧ୍ୟରେ ଡିଏମଏଫ୍ ପାଣ୍ଠି ଦ୍ୱାରା ସ୍ଥିର କରାଯାଇଥିବା ସମସ୍ତ ଉନ୍ନୟନମୂଳକ ଏବଂ କଲ୍ୟାଣମୂଳକ କାର୍ଯ୍ୟ ସାଚ୍ୟୁରେସନ୍ ମୋଡ୍ ରେ କରାଯିବ । ଆମ ସରକାର କ୍ୟାବିନେଟରେ ଗୋଟିଏ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ, ୨୦୨୦ ଆରମ୍ଭ ହେବା ତାରିଖ ପୂର୍ବରୁ, ଥଇଥାନ ସହାୟତା ସମ୍ବନ୍ଧିତ ସମସ୍ତ ବିଚାରାଧୀନ ଆବେଦନ ୧୯୯୦ରେ ପ୍ରଚଳିତ ନିୟମ ଅନୁଯାୟୀ ବିଚାର କରାଯିବ। ଏହାଦ୍ୱାରା ୨୦୨୦ ମସିହାର ନିୟମ ଲାଗୁହେବା ପୂର୍ବରୁ ଯେଉଁ କର୍ମଚାରୀଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାର ପାଇଁ ୧୯୯୦ ନିୟମ ଲାଗୁହେବ ଏବଂ ଥଇଥାନ ସହାୟତା ଯୋଜନାରେ ୧୯୯୦ ନିୟମ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ । ଏହା ଦ୍ୱାରା ଅନେକ ପରିବାର ଆଶ୍ୱସ୍ତି ପାଇବେ ଏବଂ ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଥିବା ଅନେକ ମାମଲା ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି 'ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫'ର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫ର କେତେକ ପ୍ରମୁଖ ବୈଶିଷ୍ଟ୍ୟ ଗୁଡ଼ିକ ହେଲା-ରାସ୍ତା ଗୁଡ଼ିକର ଆନ୍ତଃ-ବିଭାଗୀୟ ହସ୍ତାନ୍ତର ପାଇଁ ନିର୍ଦ୍ଦେଶାବଳୀ ନିର୍ଣ୍ଣୟ, ରାସ୍ତା ଭିତ୍ତିଭୂମି ପରିଚାଳନା ପାଇଁ ପର୍ଯ୍ୟାପ୍ତ ଏବଂ ସ୍ଥାୟୀ ପାଣ୍ଠି ଯୋଗାଇବା ଏବଂ ରାସ୍ତା ଭିତ୍ତିଭୂମିର ରକ୍ଷଣାବେକ୍ଷଣ, ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ କରିବା ପାଇଁ ସଡ଼କ ନେଟୱାର୍କର ସୁରକ୍ଷା ଉନ୍ନତିକରଣ, ଯୋଜନା, ଡିଜାଇନ୍, କ୍ରୟ, ନିର୍ମାଣ, ରକ୍ଷଣାବେକ୍ଷଣ ଏବଂ ପ୍ରକଳ୍ପ ପରିଚାଳନାରେ ସଡ଼କ କ୍ଷେତ୍ର ସଂଗଠନର କ୍ଷମତାକୁ ସୁଦୃଢ଼ କରିବା, ପ୍ରସ୍ତାବିତ ଓଡ଼ିଶା ରାଜ୍ୟ ସଡ଼କ ନୀତି-୨୦୨୫ରେ ରାଜ୍ୟରେ ସେତୁ ବିକାଶ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି । ଏହି ନୀତିରେ ରାଜ୍ୟର ସମସ୍ତ ସେତୁର ସବିଶେଷ ସୂଚନାକୁ ଏକ ଅନଲାଇନ୍ ପ୍ଲାଟଫର୍ମରେ ସଂଗ୍ରହ ପାଇଁ 'ଅନଲାଇନ୍ ସେତୁ ସୂଚନା ପ୍ରଣାଳୀ' ବିକଶିତ କରାଯିବ। ଆଧୁନିକ ପ୍ରକ୍ରିୟାରେ ସେତୁଗୁଡ଼ିକର ବାର୍ଷିକ ମୂଲ୍ୟାଙ୍କନ କରାଯିବ, ଓଡ଼ିଶାରେ ଦକ୍ଷ ଏବଂ ସୁରକ୍ଷିତ ରାସ୍ତା ଭିତ୍ତିଭୂମିର ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ପାଇଁ ରାଜ୍ୟ କ୍ୟାବିନେଟ "ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍-୨୦୨୫" କୁ ଅନୁମୋଦନ କରିଛନ୍ତି । ଏଥିରେ 'ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ' ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରିବାର ବ୍ୟବସ୍ଥା ଅଛି । ଏହା ଦ୍ୱାରା ବୃହତ୍ ସଡ଼କ ପ୍ରକଳ୍ପ ଗୁଡ଼ିକର ସାମଗ୍ରିକ ବିକାଶ ସାଧିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କେନ୍ଦ୍ର / ରାଜ୍ୟ ସରକାରୀ ଉଦ୍ୟୋଗ, କେନ୍ଦ୍ର / ରାଜ୍ୟ ସରକାରୀ ୟୁନିଟ୍ / ସଂଗଠନ ଏବଂ ଘରୋଇ ଶିଳ୍ପ, ବାଣିଜ୍ୟିକ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନର ବକେୟା ଜଳକର ଆଦାୟ କରିବା ପାଇଁ ଜଳ ସମ୍ପଦ ବିଭାଗ ଦ୍ୱାରା ଆଗତ ଏକ କାଳୀନ ସମାଧାନ ଯୋଜନାର ଅବଧି ୩୧ ମେ ୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। 'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନା ଅନ୍ତର୍ଗତ ପ୍ରକଳ୍ପ ତାଲିକାକୁ ଅନୁମୋଦନ ଦେବା ସମୟରେ ଯଦି ବାର୍ଷିକ କାର୍ଯ୍ୟ ଯୋଜନାରେ କିଛି ଆବଶ୍ୟକ ପ୍ରକଳ୍ପ ସ୍ଥାନ ପାଇ ନଥିବା ସମ୍ପୃକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଗୋଚର ହୁଏ, ତେବେ ସେହି ପ୍ରକଳ୍ପ ଗୁଡ଼ିକୁ ଏହି ଯୋଜନାରେ ଜିଲ୍ଲାପାଳ ଅନ୍ତର୍ଭୁକ୍ତ କରିପାରିବେ। ଏତଦ୍ ବ୍ୟତୀତ ବିଧାୟକଙ୍କ ଦ୍ୱାରା ପ୍ରସ୍ତାବିତ କୌଣସି ଆବଶ୍ୟକ ପ୍ରକଳ୍ପ ଯଦି ପ୍ରକଳ୍ପ ତାଲିକାରେ ନଥାଏ, ତେବେ ଜିଲ୍ଲାପାଳ ଉକ୍ତ ପ୍ରକଳ୍ପଗୁଡ଼ିକୁ ବାର୍ଷିକ କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କ୍ୟାବିନେଟର ଅନୁମୋଦିତ ପ୍ରସ୍ତାବ ଅନୁଯାୟୀ, ଯେଉଁ ବ୍ୟକ୍ତିଙ୍କର ୧ ଏକରର ୨୫ ଭାଗରୁ ଏକ ଭାଗ ଠାରୁ କମ ପରିମାଣର ଘରବାରି ଜମି ଥିବ, ସେହି ବ୍ୟକ୍ତି ମଧ୍ୟ "ଘରବାରିହୀନ ବ୍ୟକ୍ତି" ଭାବରେ ପରିଗଣିତ ହେବେ ଏବଂ ୧ ଏକରର ୨୫ ଭାଗରୁ ଏକ ଭାଗ ଠାରୁ ତାଙ୍କର ଯେତିକି ଜମି କମ୍ ଅଛି, ସମପରିମାଣର ଜମି ତାଙ୍କୁ ଯୋଗାଇ ଦିଆଯିବ । ସେହିଭଳି ଯଦି ଜଣେ "ଘରବାରିହୀନ ବ୍ୟକ୍ତି" କୌଣସି ସରକାରୀ ଜମିକୁ ଅନଧିକୃତ ଦଖଲରେ ରଖି ଉକ୍ତ ଜମିକୁ ଘରବାରି ଉଦ୍ଦେଶ୍ୟରେ ବ୍ୟବହାର କରୁଥିବେ, ତେବେ ଜମି ମଧ୍ୟରୁ ଅତି ବେଶୀରେ ୧ ଏକରର ୨୫ ଭାଗରୁ ଏକ ଭାଗ ଜମି ତାଙ୍କ ସପକ୍ଷରେ ବନ୍ଦୋବସ୍ତ କରାଯାଇ ପାରିବ ଏବଂ ଉକ୍ତ ଜମିକୁ ସେ ହସ୍ତାନ୍ତର କରିପାରିବେ ନାହିଁ । ସେହିପରି ଓଡିଶା ପ୍ରଶାସନିକ ସେବା, ଗ୍ରୁପ୍-ଏ (ଜୁନିୟର ବ୍ରାଞ୍ଚ)(ପ୍ରୋବେସନ ଏବଂ ବିଭାଗୀୟ ପରୀକ୍ଷା) ନିୟମାବଳୀ, ୨୦୧୪ର ପରିଶିଷ୍ଟ-II ରେ ଥିବା ବିଭାଗୀୟ ପରୀକ୍ଷାର ପାଠ୍ୟକ୍ରମରେ ଆବଶ୍ୟକୀୟ ସଂଶୋଧନ କରିବା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ସମ୍ମତି ପ୍ରଦାନ କରିଛନ୍ତି । ଓଡ଼ିଶା ରାଜସ୍ୱ ସେବା, ଗ୍ରୁପ୍- ବି (ପ୍ରୋବେସନ ଏବଂ ବିଭାଗୀୟ ପରୀକ୍ଷା) ନିୟମାବଳୀ, ୨୦୧୬ ର ପରିଶିଷ୍ଟ-୨ରେ ଥିବା ପାଠ୍ୟକ୍ରମର ଅବଶ୍ୟକୀୟ ସଂଶୋଧନ କରିବା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ସମ୍ମତି ପ୍ରଦାନ କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

## ଜଷ୍ଟିସ୍ ହରିଶ ...

ମୁଖ୍ୟ ବିଚାରପତି ଭାବରେ କାର୍ଯ୍ୟରତ। ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କୁ ଗୁରୁବାର କଲେଜିୟମ ଦ୍ୱାରା ଆହ୍ଲାବାଦ ହାଇକୋର୍ଟକୁ ସ୍ଥାନାନ୍ତର ପାଇଁ ସୁପାରିସ କରାଯାଇଥିବାବେଳେ ଶୁକ୍ରବାର ଜଷ୍ଟିସ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମଳିଛି।

## ଶ୍ରମ କମିଶନରଙ୍କ...

ଧର୍ମଘଟକୁ ଏକ କିମ୍ବା ଦୁଇ ମାସ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛୁ ବୋଲି ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନ କହିଛି । ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଏପ୍ରିଲ ତୃତୀୟ ସପ୍ତାହରେ ହେବ। ଏହି ଧର୍ମଘଟ ଯୋଗୁଁ ମାର୍ଚ୍ଚ ୨୨ରୁ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ସମଗ୍ର ଦେଶରେ ବ୍ୟାଙ୍କସେବା ବାଧାପ୍ରାପ୍ତ ହେବ ବୋଲି ଆଶା କରାଯାଉଥିଲା। ମାର୍ଚ୍ଚ ୨୩ରେ ବ୍ୟାଙ୍କ ଛୁଟି ଥିବାରୁ ମାର୍ଚ୍ଚ ୨୪ ଓ ୨୫ରେ ହେବାକୁ ଥିବା ଧର୍ମଘଟ ଯୋଗୁଁ ୪ ଦିନିଆ ବ୍ୟାଙ୍କ ବନ୍ଦ ରହିଥାନ୍ତା, ଯାହା ଦ୍ୱାରା କ୍ୟାସ କାରବାର, ଚେକ କ୍ଲିୟରିଂ ଏବଂ ଋଣ ପ୍ରକ୍ରିୟାକରଣ ପ୍ରଭାବିତ ହୋଇଥାନ୍ତା।

## ଦିଲ୍ଲୀ ହାଇକୋର୍ଟ ...

କରିଥିଲେ। ନିଆଁ ଲିଭାଇବା ପରେ ଅଗ୍ନିଶମ କର୍ମଚାରୀମାନେ ବଙ୍ଗଳାର ଏକ କୋଠରୀ ଭିତରେ ବିପୁଳ ପରିମାଣର ନଗଦ ଟଙ୍କା ପାଇଥିଲେ। ଏହାପରେ ରେକର୍ଡ ବୁକରେ ହିସାବ ବାହାରେ ଟଙ୍କା ମିଳିଥିବା ନେଇ ଏକ ସରକାରୀ ରେକର୍ଡ ପଞ୍ଜିକୃତ ହୋଇଥିଲା। ଘଟଣା ବିଷୟରେ ସିଜେଆଇଙ୍କୁ ଅବଗତ କରାଯିବା ପରେ କଲେଜିୟମ ବୈଠକରେ ପ୍ରଥମେ ତାଙ୍କୁ ଆହ୍ଲାବାଦ ପଠାଇବାକୁ ସୁପାରିସ କରାଯାଇଛି। ସୂଚନାଯୋଗ୍ୟ, ଜଷ୍ଟିସ ଯଶୱନ୍ତ ବର୍ମାଙ୍କୁ ଅକ୍ଟୋବର ୨୦୨୧ରେ ଆହ୍ଲାବାଦରୁ ଦିଲ୍ଲୀ ହାଇକୋର୍ଟକୁ ପଠାଯାଇଥିଲା । ଏବେ ତାଙ୍କୁ ପୁଣି ଆହ୍ଲାବାଦକୁ ବଦଳି କରିବାକୁ ଏବଂ ତାଙ୍କ ବିରୋଧରେ ତଦନ୍ତ ଓ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ କରିବା ବିଷୟରେ ଆଲୋଚନା ହେଉଛି।

## କଥା ନମାନିଲେ...

ଦେଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ରାଜ୍ୟ କଟା ନିଗମ ଦ୍ୱାରା ରଥ ଦଉଡି ଯୋଗାଣ ସଂକ୍ରାନ୍ତରେ ସବିଶେଷ ଆଲୋଚନା ହୋଇଥିବା ବେଳେ ଆବଶ୍ୟକୀୟ ବାସୁଙ୍ଗା ପାଟ ଓ ଚନ୍ଦନ ମହଜୁଦ ରହିଥିବା ଜଣାପଡ଼ିଛି । ସେହିପରି ରଥ କାଠ ଯୋଗାଣ ନେଇ ବନ ବିଭାଗ ସହ ଆଲୋଚନା କରାଯାଇଛି । ଆବଶ୍ୟକୀୟ ରଥ କାଠ ସମୟ ମଧ୍ୟରେ ଶ୍ରୀକ୍ଷେତ୍ରରେ ପହଞ୍ଚିବା ନେଇ ବୈଠକରେ କୁହାଯାଇଛି। ସେପଟେ ଅଦିନିଆ ରଥ ଯାତ୍ରା ବନ୍ଦ ପାଇଁ ଇସ୍କନକୁ ସୂଚଇ ଦିଆଯାଇଛି । ଇସ୍କନ ସଂସ୍ଥା ସହ ଗୁରୁବାର ଭୁବନେଶ୍ୱର ଠାରେ ହୋଇଥିବା ବୈଠକକୁ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମତ ରଖିଥିଲେ । ବିଦେଶରେ ଥିବା ଇସ୍କନର ପ୍ରତିନିଧି ଦଳ ସହ ଆଲୋଚନା ହୋଇଥିବାବେଳେ ଗୋଟିଏ ତିଥିରେ ରଥଯାତ୍ରା କରିବା ନେଇ ଶାସ୍ତ୍ରୀୟ ମତ ସମ୍ପର୍କରେ ଅବଗତ କରାଯାଇଛି । ବିଧି ପରମ୍ପରା ଅନୁଯାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରା ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ ସମଗ୍ର ବିଶ୍ୱରେ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଇସ୍କନ ଏହାକୁ ମାନିବାକୁ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟ ପ୍ରଶାସକ ମତ ରଖିଛନ୍ତି । ତେବେ ଅଦିନିଆ ରଥଯାତ୍ରା ପ୍ରସଙ୍ଗକୁ ନେଇ ସେବାୟତ ମହଲରେ ତୀବ୍ର ଅସନ୍ତୋଷ ରହିଛି । ଇସ୍କନ ଯଦି ତିଥି ଅନୁସାରେ ରଥଯାତ୍ରା ପାଳନ ନକରେ ତେବେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସେବାୟତ ମାନେ ଚେତାବନୀ ଦେଇଛନ୍ତି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରଥଯାତ୍ରା ପୂର୍ବରୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଆଇନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଚୁଡାନ୍ତ ରଥ ସମନ୍ୱୟ ବୈଠକ କରାଯିବାର ବିଧି ରହିଛି ।

## ଆହୁରି ୪ ଦିନ ...

ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲା ଗୁଡ଼ିକରେ ହାଲକା ବର୍ଷା ସହ ୫୦ରୁ ୬୦ କିମି ବେଗରେ ପବନ ଏବଂ ଘଡ଼ଘଡ଼ି ନେଇ ସତର୍କ କରାଯାଇଛି । ସେହିପରି ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ସତର୍କ କରାଯାଇଛି। ହାଲକାରୁ ମଧ୍ୟମ ବର୍ଷା ନେଇ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ବରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାକୁ ମଧ୍ୟ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବର୍ଷା, ଘଡ଼ଘଡ଼ି, ବିଜୁଳି ସହ ୪୦ରୁ ୫୦ କିମି ବେଗରେ ପବନ ବହିବା ନେଇ କେତେକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ସେସବୁ ଜିଲ୍ଲା ହେଉଛି ଅନୁଗୁଳ, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବୌଦ୍ଧ, ଯାଜପୁର ଓ କେନ୍ଦ୍ରାପଡ଼ା। ଅନ୍ୟପକ୍ଷରେ ମାର୍ଚ୍ଚ ୨୨ ଶନିବାର ପାଇଁ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାରେ ବର୍ଷା, ଘଡ଼ଘଡ଼ି ତଥା ପବନ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ମାର୍ଚ୍ଚ ୨୪ ତାରିଖ ପରେ ଅର୍ଥାତ ୨୫ ତାରିଖରୁ ପାଗ ମୂଖ୍ୟତଃ ଶୁଖିଲା ରହିବ । ତେବେ ୨୨ରୁ ୨୪ ତାରିଖ ମଧ୍ୟରେ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ଦିନର ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ରହିଛି।

## କଳା ପୋଷାକ ...

ହୋଇଥିବା ଏପରି ଅଚଳାବସ୍ଥାର ଏଡାଇବା ପାଇଁ ବାଚସ୍ପତି ସୁରମା ପାଢୀ ମାତ୍ର ଦୁଇମିନିଟ୍ ପରେ ଅର୍ଥାତ୍ ୧୦ଟା ୩୨ରୁ ୧୧ଟାରୁ ୧୧.୩୦ ପର୍ଯ୍ୟନ୍ତ ବୈଠକକୁ ମୁଲତବୀ କରିଥିଲେ। ଏହା ପରେ ଗୃହରେ ଅନୁରୂପ ପରିସ୍ଥିତି ଲାଗି ରହିବା ଯୋଗୁ ବୈଠକକୁ ଏକାଧିକବାର ମୁଲତବୀ ଘୋଷଣା କରିବାକୁ ପଡ଼ିଥିଲା। ଏପରିକି ବାଚସ୍ପତି ଶ୍ରୀମତୀ ପାଢୀ ଗୃହ ପରିଚାଳନା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ଏହା ସତ୍ତ୍ୱେ ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇନଥିଲା। ଶୁକ୍ରବାର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଗୃହ କାର୍ଯ୍ୟ ୧୦ଟା ୩୦ ମିନିଟରେ ଆରମ୍ଭ ହୋଇଥିଲା । ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ ଓ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଉତ୍ତର ଦେବାକୁ ଡାକିଥିଲେ । ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖୁଥିବା ବେଳେ କଂଗ୍ରେସ ବିଧାୟକମାନେ ରାଜ୍ୟରେ ନାରୀ ସୁରକ୍ଷା ପ୍ରସଙ୍ଗରେ ଘଣ୍ଟ ବଜାଇ ପ୍ରତିବାଦ ଜଣାଇ ଗୃହ ଭିତରକୁ ମାଡି ଆସିଥିଲେ।

## ଚାଷପୋଯୋଗୀ ଜମିର ...

କରାଯାଇଛି। ସେହିପରି ବନ୍ୟାର ଦୀର୍ଘସ୍ଥାୟୀ ପ୍ରତିକାର ନିମନ୍ତେ ଭିତ୍ତିଭୂମିର ସୁଦୃଢୀକରଣ ପାଇଁ ଏକ ବିସ୍ତୃତ ବନ୍ୟା ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଉଛି। ଏଥିରେ ନଦୀବନ୍ଧ ସୁଦୃଢୀକରଣ ନଦୀ ମୁହାଣ ଖନନ ଓ ଅତ୍ୟାଧୁନୀକ ସୂଚନା ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରାଯାଇ ବନ୍ୟା ନିୟନ୍ତ୍ରଣ କରାଯାଇ ପାରିବ। ଖାଦ୍ୟ ନିରାପତ୍ତା, ମରୁଡି ମୁକାବିଲା ପାଇଁ ବୃହତ୍ତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଗୁଡିକର ଉଲ୍ଲେଖନୀୟ ଅବଦାନ ରହିଛି। ସେଥିପାଇଁ ନିର୍ମାଣଧୀନ ପ୍ରକଳ୍ପ ଗୁଡିକର ଦ୍ରୁତ ଅଗ୍ରଗତି ଓ ନିର୍ଦ୍ଧାରିତ ସମୟସୀମାରେ ସମ୍ପୂର୍ଣ୍ଣ କରିବା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୩୫୪୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷରେ ଆମ ସରକାର ରାଜ୍ୟର ଜଳ ସୁରକ୍ଷା ପାଇଁ ଜଳ ସଂରକ୍ଷଣ ଓ ଉତ୍ତମ ଜଳ ପରିଚାଳନାକୁ ପ୍ରାଥମିକତା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ସର୍ବବୃହତ ହୀରାକୁଦ ବନ୍ଧ ସେଚ ପଦ୍ଧତିର ନବୀକରଣ ପାଇଁ ୮୫୫ କୋଟି ଟଙ୍କା, ଫାଟକ ରହିତ ଜଳାଶୟଗୁଡିକରେ ଫାଟକ ଲଗାଇ ଜଳଧାରଣର କ୍ଷମତାକୁ ବୃଦ୍ଧି ପାଇଁ ୨୪୦ କୋଟି ଟଙ୍କା, ଉଦ୍‌ବୃତ୍ତ ବନ୍ୟା ଜଳ ସଠିକ୍ ପରିଚାଳନା ପାଇଁ ୮୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ମହାନଦୀ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ଯୋଜନା ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କଟକ ଓ ସମ୍ବଲପୁର ଠାରେ ମହାନଦୀ ତଟ ଉନ୍ନତିକରଣ ପାଇଁ ଡିପିଆର କରାଯାଉଛି। ମୁଖ୍ୟମନ୍ତ୍ରୀ କହିଥିଲେ ଓଡ଼ିଶାରେ ବର୍ତ୍ତମାନ ପ୍ରାୟ ୬୨ ଲକ୍ଷ ହେକ୍ଟର ଜମିରେ ଖରିଫ ଋତୁରେ ଚାଷ ହୋଇଥାଏ ଏବଂ ବିଭିନ୍ନ ଷ୍ଟଡି ଓ ସର୍ଭେ ଅନୁସାରେ ୪୯.୯୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଅତି ସହଜରେ ଯୋଗାଇ ଦିଆଯାଇ ପାରିବାର ବ୍ୟବସ୍ଥା ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ଆମ ସରକାର ପ୍ରାଥମିକତା ଦେଉଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଆଗାମୀ ୪ବର୍ଷ ମଧ୍ୟରେ ହଠାତ୍ ୨୦୨୯ ମସିହା ସୁଦ୍ଧା ବିଭିନ୍ନ ଲୋକାଭିମୁଖୀ ନୂତନ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେଉଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର, ଉଠାଜଳସେଚନ ଆଦି ବିଭିନ୍ନ ଯୋଜନା ଜରିଆରେ ପଦକ୍ଷେପ ନିଆଯାଉଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ଦୂର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ପୂର୍ବ ସରକାର କେନ୍ଦ୍ର ସରକାରଙ୍କ ଠାରୁ ସବୁ ପ୍ରକାର ସହାୟତା ପାଇଥିଲେ ମଧ୍ୟ ଜଳସେଚନ କ୍ଷେତ୍ରରେ ଯେପରି ସଫଳତା ହାସଲ କରିବା କଥା ତାହା କରିପାରି ନାହାନ୍ତି। ଆମ ସରକାର ପୂରଣ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ରାଜ୍ୟରେ ଉପଲବ୍ଧ ଜଳସମ୍ପଦର ସୁବିନିଯୋଗ ଏବଂ ସୁ ପରିଚାଳନା ପାଇଁ ଆମ ସରକାର ନୂତନ ରାଜ୍ୟ ଜଳନୀତି ପ୍ରସ୍ତୁତ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିଗତ ୨୪ବର୍ଷର ନବୀନ ସରକାରଙ୍କ ଅମଳରେ ରାଜ୍ୟର ପ୍ରତି ବ୍ଲକରେ ଅନ୍ୟୁନ ୩୫ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବା ପାଇଁ ଯେଉଁ ଘୋଷଣା କରାଯାଇଥିଲା ସେଥିପାଇଁ କୌଣସି କାର୍ଯ୍ୟକ୍ରମ ହୋଇନଥିଲା। ୨୪ବର୍ଷ ସରକାର ଜଳସେଚନ କ୍ଷେତ୍ରରେ ପ୍ରାୟ ଏକ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ତାର ସୁଫଳ ଚାଷୀ ପାଇନାହାନ୍ତି। ଠିକାଦାରମାନେ ସେଥିରୁ ସୁବିଧା ଫାଇଦା ଉଠାଇଛନ୍ତି। କେନାଲରେ ଜଳ ପହଞ୍ଚୁ ନାହିଁ। ଏବେ ବି ଅନେକ ଜଳସେଚନ ପ୍ରକଳ୍ପ ଅସଂପୂର୍ଣ୍ଣ ଅବସ୍ଥାରେ ପଡିରହିଛି ବୋଲି ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୂର୍ବ ସରକାରକୁ ଆକ୍ଷେପ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଦଳ ବିଜେଡ଼ି ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

# ପୂର୍ବତଟ ରେଳପଥର ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ ରେକର୍ଡ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପୂର୍ବତଟ ରେଳପଥ ପୁଣି ଥରେ ପଣ୍ୟ ପରିବହନ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଂଟ ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ହେବାର ୧୧ ଦିନ ପୂର୍ବରୁ ୨୫୦ ନିୟୁତ ଟନ୍ ମୂଳ ପଣ୍ୟ ପରିବହନ ହାସଲ କରିବାରେ ଭାରତର ପ୍ରଥମ ରେଳ ଜୋନ୍ ହୋଇଛି।

ପୂର୍ବତଟ ରେଳପଥର ପଣ୍ୟ ପରିବହନ ରେକର୍ଡ ଭାରତୀୟ ରେଳବାଇର ସମସ୍ତ ପୂର୍ବ ମାନଦଣ୍ଡକୁ ଅତିକ୍ରମ କରିଛି, ଯାହା ଦେଶର ସର୍ବୋଚ୍ଚ ପଣ୍ୟ ପରିବହନ କ୍ଷେତ୍ର ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି। ଏହି ସଫଳତା ଲଗାତାର ଭାବେ ଦ୍ୱିତୀୟ ବର୍ଷ ପାଇଁ ୨୫୦ ନିୟୁତ ଟନ୍ ସୀମା ଅତିକ୍ରମ କରିଛି। ଏହି ସଫଳତାକୁ ହାସଲ କରିବା ପାଇଁ ପୂର୍ବତଟ ରେଳପଥ ଗତ ଆର୍ଥିକ ବର୍ଷରେ ୩୬୦ ଦିନ ସମୟ ନେଇଥିଲାବେଳେ ଚଳିତ ବର୍ଷ ୩୫୫ ଦିନରେ ଏହି ଲକ୍ଷ ହାସଲ କରିଛି। ଉଲ୍ଲେଖନୀୟ ଯେ, ପୂର୍ବତଟ ରେଳପଥ କ୍ରମାଗତ ଷଷ୍ଠ ଥର ପାଇଁ ୨୦୦ ନିୟୁତ ଟନ୍ ପଣ୍ୟ ପରିବହନ ଅତିକ୍ରମ କରିବାର ଗୌରବ ମଧ୍ୟ ହାସଲ କରିଛି।

ଏହା ବ୍ୟତୀତ, ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ଅଧିକାରକ୍ଷେତ୍ର ମଧ୍ୟରେ ୨୨୮.୩ ନିୟୁତ ଟନ୍ ମାଲ ପରିବହନ ମୁକ୍ତ/ଅନଲୋଡ କରିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨.୬% ଅଧିକ। ୨୦୨୩-୨୪ ଆର୍ଥିକ ବର୍ଷରେ ୨୧ ମାର୍ଚ୍ଚ ସୁଦ୍ଧା, ପୂର୍ବତଟ ରେଳପଥ ଏହାର ଅଧିକାର କ୍ଷେତ୍ରରେ ୨୨୨.୪ ନିୟୁତ ଟନ୍ ମାଲ ପରିବହନ କରିଥିଲା। ଏହି ଐତିହାସିକ ସଫଳତା ହାସଲ କରିବାରେ ପୂର୍ବତଟ ରେଳବାଇର ତିନୋଟି ରେଳ ମଣ୍ଡଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପ୍ରମୁଖ ପଣ୍ୟ ପରିବହନକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ:ତାଳଚେରରେ ଥିବା ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ର କୋଇଲା କ୍ଷେତ୍ର , ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ପାଞ୍ଚଟି ପ୍ରମୁଖ ବନ୍ଦର: ପାରାଦୀପ, ଧାମରା, ବିଶାଖାପାଟଣା, ଗଙ୍ଗାଭରମ୍ ଏବଂ ଗୋପାଳପୁର, ବୈଲାଡିଲା (ଛତିଶଗଡ଼) ଏବଂ କେଉଁଝର ଜିଲ୍ଲା (ଓଡ଼ିଶା)ରେ ଲୁହା ଖଣି, ପ୍ରମୁଖ ଇସ୍ପାତ ଏବଂ ଆଲୁମିନିୟମ ଶିଳ୍ପ। ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ପଣ୍ୟ ପରିବହନ ମାଇଲଖୁଣ୍ଟ ହାସଲ କରିବାର ଏକ ଦୀର୍ଘକାଳୀନ ପରମ୍ପରା ରହିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ୍ ପଣ୍ୟ ପରିବହନ ଅତିକ୍ରମ କରିବାରେ ଏହା ଅବିଭକ୍ତ ଦକ୍ଷିଣ ପୂର୍ବ ରେଳବାଇ ପରେ ଦ୍ୱିତୀୟ ରେଳ ଜୋନ୍ ଥିଲା। ଆଜି, ଏହା ଲଗାତାର ଦୁଇ ବର୍ଷ ହେଲା ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ ହାସଲ କରିବାରେ ପ୍ରଥମ ଜୋନ୍ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି। ବିଭିନ୍ନ କାର୍ଯ୍ୟକ୍ଷମ ଆହ୍ୱାନ ସତ୍ତ୍ୱେ, ଏହି ରେକର୍ଡ ଅତିକ୍ରମ କରିବାରେ ଯତ୍ନବାନ ଯୋଜନା, ସରକାରୀ କ୍ଷେତ୍ର, ଶିଳ୍ପ ଏବଂ ଅଂଶୀଦାରମାନଙ୍କ ସହିତ ସୁଗମ ସମନ୍ୱୟ ଏବଂ ଦକ୍ଷତା ପ୍ରତି ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ସଫଳତା ସମ୍ଭବ ହୋଇପାରିଛି ।

# ବାର୍ ଡ୍ୟାନ୍ସ କଟକଣା ମାମଲା: ଜବାବ ରଖିଲେନି ସରକାର, ୨୪ରେ ଚୂଡ଼ାନ୍ତ ଶୁଣାଣି

**କଟକ, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଅବକାରୀ (ସଂଶୋଧିତ) ଆଇନ୍-୨୦୨୪ ଆଧାରରେ ଭୁବନେଶ୍ୱରର ବିଭିନ୍ନ ଠିପିଖୋଲା ମଦ ବାର୍‌ରେ ଝିଅଙ୍କ ନାଚିବା (ବାର୍ ଡ୍ୟାନ୍ସ)ରେ ଲଗାଯାଇଥିବା କଟକଣାକୁ ବିରୋଧ କରି ରୁଜୁ ମାମଲାରେ ବି ରାଜ୍ୟ ସରକାର ଜବାବ ଦାଖଲ କଲେ ନାହିଁ । କିନ୍ତୁ ଏହି ଜବାବ ହାଇକୋର୍ଟଙ୍କୁ ସନ୍ତୁଷ୍ଟ କରିପାରି ନଥିଲା । ହାଇକୋର୍ଟ ରାଜ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ କ୍ଷୁବ୍ଧ ହେବା ସହ ରାଜ୍ୟ ସରକାର ଜବାବ ଦିଅନ୍ତୁ ବା ନଦିଅନ୍ତୁ ଆସନ୍ତା ୨୪ ତାରିଖରେ ଚୂଡ଼ାନ୍ତ ଶୁଣାଣି ହେବ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି । ଭୁବନେଶ୍ୱରର ହୋଟେଲ୍ ଏକାମ୍ର ଠିପି ଖୋଲା ମଦ ବାର ଏବଂ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଏହି ମାମଲାର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ଜବାବ ରଖିବାକୁ ତିନି ଥର ସମୟ ନେଇସାରିଲେଣି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶରତ କୁମାର ଗଜେନ୍ଦ୍ର ମାମଲା ପରିଚାଳନା କରୁଛନ୍ତି ।




# ଇତିହାସକୁ ଲୋକପ୍ରିୟ କରାଇଥିଲେ ଜଗନ୍ନାଥ ପଟ୍ଟନାୟକ




ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଇତିହାସକୁ ଲୋକପ୍ରିୟ କରାଇବାରେ ସ୍ୱର୍ଗତ ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ବିପୁଳ ଅବଦାନ ଥିଲା। ସେ ଥିଲେ ବହୁମୁଖୀ ପ୍ରଜ୍ଞାପୁରୁଷ। ପ୍ରଖ୍ୟାତ ଐତିହାସିକ ଭାବେ ସେ ସର୍ବଦା ଥିଲେ ମାନବୀୟ ମୂଲ୍ୟବୋଧର ଉପାସକ । ଇତିହାସକୁ ସରଳ ଭାଷାରେ ସାହିତ୍ୟିକ ଦୃଷ୍ଟିଭଙ୍ଗୀ ନେଇ ରଚନା କରିବାରେ ପ୍ରଫେସର ପଟ୍ଟନାୟକ ଥିଲେ ସିଦ୍ଧହସ୍ତ । ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ସ୍ମାରକୀ ସାରସ୍ୱତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ଅଭିଭାଷଣ ରଖି ପ୍ରଫେସର ପଟ୍ଟନାୟକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସଭା ଓ ଆଲୋଚନା ଚକ୍ରରେ ବରେଣ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଜଗନ୍ନାଥ ପଟ୍ଟନାୟକ କେବଳ ଭଦ୍ରକର ନୁହେଁ ସାରା ଓଡ଼ିଶାର ଗର୍ବ ବୋଲି ଅଭିହିତ କରିଥିଲେ । ଅନ୍ୟତମ ଅତିଥି ପ୍ରାକ୍ତନ ବରିଷ୍ଠ ପ୍ରଶାସକ ଓ କବି ଡକ୍ଟର ରବିନାରାୟଣ ସେନାପତି ଜଗନ୍ନାଥ ପଟ୍ଟନାୟକଙ୍କୁ ନିଜ ଶିକ୍ଷକଭାବେ ଦର୍ଶାଇ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସଂସ୍କୃତି ବିଭାଗ ଯୁଗ୍ମସଚିବ ଦେବପ୍ରସାଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଜଗନ୍ନାଥ ପଟ୍ଟନାୟକଙ୍କ ସାହିତ୍ୟିକ ଓ ଐତିହାସିକ ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ଅନାଲୋଚିତ ଓ ଓଡ଼ିଆ ଐତିହାସିକ ଘଟଣାବଳୀ ତାଙ୍କ ରଚନାର ମୂଳପିଣ୍ଡ ଥିଲା ବୋଲି କହିଥିଲେ। ଅନ୍ୟତମ ବକ୍ତା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଇତିହାସକୁ ଜଗନ୍ନାଥ ପଟ୍ଟନାୟକଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ଐତିହାସିକ ଓ ଶିକ୍ଷାବିତ୍ ପ୍ରଫେସର ଅମୀୟ କୁମାର ମହାନ୍ତି ଇତିହାସକୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କିପରି ସୁଖପାଠ୍ୟ ହେଉ ସେ ଦିଗରେ ଜଗନ୍ନାଥ ପଟ୍ଟନାୟକଙ୍କ ପ୍ରୟାସ ଅବର୍ଣ୍ଣନୀୟ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ପ୍ରଫେସର ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ଜଗନ୍ନାଥ ପଟ୍ଟନାୟକଙ୍କ ସ୍ମାରକୀ ସାରସ୍ୱତ ସଭାରେ ସ୍ୱାଗତ ଅଭିଭାଷଣ ରଖିଥିଲେ ଭଦ୍ରକ ସମ୍ମିଳନୀର ସଭାପତି ପ୍ର. ପ୍ରଭାତ କୁମାର ପାଢ଼ୀ ଓ ଏହି ସଭାର ଲକ୍ଷ୍ୟ ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ ସମ୍ମିଳନୀର ସାଧାରଣ ସମ୍ପାଦକ ନିରୋଦ କୁମାର ରାଉତ । ସାରସ୍ୱତ ସଭା ଓ ଆଲୋଚନାକୁ ସଂଯୋଜନା କରିଥିଲେ ଭଦ୍ରକ ସମ୍ମିଳନୀର ଉପଦେଷ୍ଟା ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ । ଏହି ଅବସରରେ ଜଗନ୍ନାଥ ପଟ୍ଟନାୟକଙ୍କ ରଚିତ ତଥା ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ 'ରକ୍ତତୀର୍ଥ ଇରମ'ର ପରିମାର୍ଜିତ ସଂସ୍କରଣ ମୁଖ୍ୟଅତିଥି ଲୋକାର୍ପଣ କରିଥିଲେ। ପ୍ରକାଶକ ଗଙ୍ଗାଧର ତ୍ରିପାଠୀଙ୍କ ତରଫରୁ ଶକ୍ତିପ୍ରସାଦ ତ୍ରିପାଠୀ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ପରିଶେଷରେ ବଂଶୀଧର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନସଂଖ୍ୟା ଆଧାରରେ ଡିଲିମିଟେସନ୍ ଲାଗୁ ହେଲେ ଓଡ଼ିଶାର କ୍ଷତିହେବ : ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନଙ୍କ ଦ୍ୱାରା ଆୟୋଜିତ ହୋଇଥିବା ସର୍ବଦଳୀୟ ବୈଠକରେ ଯୋଗଦେବା ପାଇଁ ଯାଇଥିବା ପୂର୍ବତନ ମନ୍ତ୍ରୀ ତଥା ଦଳର କାର୍ଯ୍ୟକ୍ରମ ରୂପାୟନ କମିଟିର ଅଧ୍ୟକ୍ଷ ସଞ୍ଜୟ ଦାସବର୍ମା। ଓ ପୂର୍ବତନ ରାଜ୍ୟସଭା ସାଂସଦ ଡ଼ ଅମର ପଟ୍ଟନାୟକଙ୍କୁ ଚେନ୍ନାଇ ବିମାନ ବନ୍ଦରରେ ସ୍ୱାଗତ କଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଲୋକସଭା ସାଂସଦ ଦୟାନିଧି ମାରାନ୍ ଏବଂ ରାଜ୍ୟସଭା ସାଂସଦ କାନିମୋଝି ସୋମୁ ।

ଏହି ବୈଠକରେ ଯୋଗଦେବା ପାଇଁ ଷ୍ଟାଲିନଙ୍କ ନିମନ୍ତ୍ରଣ ପତ୍ର ଧରି ଦୟାନିଧି ମାରାନ୍ ଓ ରାଜ୍ୟର ଶିଳ୍ପ ମନ୍ତ୍ରୀ ନବୀନ ନିବାସ ଆସି ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଅନୁରୋଧ କରିଥିଲେ । ତେବେ ବୈଠକରେ ଯୋଗ ଦେବାକୁ ଯାଉଥିବା ବଜେଡି ପ୍ରତିନିଧି କହିଛନ୍ତି, ଏବେର ପରିଭାଷା ଜନସଂଖ୍ୟା ଉପରେ କରାଯାଇଛି । ଜନସଂଖ୍ୟା ଆଧାରରେ ଡିଲିମିଟେସନ୍ ଲାଗୁ ହେଲେ ଓଡ଼ିଶାର କ୍ଷତି ହେବ । ଯାହାକୁ ଆମ ଦଳର ସଭାପତି ନବୀନ ପଟ୍ଟନାୟକ ବିରୋଧ କରିଛନ୍ତି । କାରଣ ପୂର୍ବରୁ ଜନସଂଖ୍ୟା କମାଇବାରେ ଓଡ଼ିଶା ରେକର୍ଡ ସୃଷ୍ଟି କରିଛି । ଏହି ବୈଠକରେ ଡିଲିମିଟେସନର ପରିଭାଷା ସମ୍ପର୍କରେ ଜଣାପଡିବ । ଯଦି ଏଥିରେ ଓଡ଼ିଶାର ସ୍ୱାର୍ଥ ହାନି ଘଟେ ତେବେ ଆମ ଦଳ ତାକୁ ବିରୋଧ କରିବ । ଏହା କୌଣସି ରାଜନୈତିକ ବୈଠକ ବୋଲି ଭାବିବା ଠିକ୍ ନୁହେଁ ବୋଲି ଉଭୟ କହିଛନ୍ତି ।

**OFFICE OF THE REGULATED MARKET COMMITTEE, TALCHER**
E-Mail ID- rmctalc@nic.in
Letter No.188 /Dt. 20.3.2025 //
H-85
**TENDER CALL NOTICE NO TLC-01/2024-25**

Sealed tenders are invited from the interested bidders for the civil work under Sub-Collector-cum-Chairman RMC, TALCHER of Angul District. The details has been uploaded in the District web site www.angul.odisha.gov.in.They have to submit bid documents to the undersigned in the address of "Office of the Regulated Market Committee, TALCHER, At/Po-TALCHER, Dist-Angul, Pin-759100" through Regd./Speed Post or drop in the tender box kept in the office chamber of the undersigned on or before 28.03.2025 (up to 12.00 Noon). DTCN & other details can be downloaded from the District Web site www.angul.odisha.gov.in or can be obtained from the office of the undersigned from 21.03.2025 to 27.03.2025 (up to 5.00 P.M).

Sd/-
Sub-Collector-cum-Chairman
RMC, TALCHER
OIPR-01498/11/0001/2425

ଭୁବନେଶ୍ୱର
୨୨ ମାର୍ଚ୍ଚ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ରସିକେଷୁ...



ଲମ୍ପଟ ପିତାର ସୁନ୍ଦରୀ କନ୍ୟା ଦିନେ ନିଜ ପ୍ରେମିକ ସହ ଘରକୁ ଆସି ଖୁବ୍ ଶୀଘ୍ର ସେମାନେ ଦିହେଁ ବିବାହ କରିବାକୁ ଯାଉଛନ୍ତି ବୋଲି କହିବାରୁ ଝିଅର ଏ ପ୍ରସ୍ତାବକୁ ବାପା ସିଧା ସିଧା ଖାରଜ କରିଦେଲେ। କହିଲେ- ମାଆଲୋ, ସେ ଯୁବକ ତୋ'ର ଭାଇ ହିସାବ ହେବ, ତେଣୁ ତାକୁ ବାହାହେବା ଠିକ୍ ହେବ ନାହିଁ। ବାପାଙ୍କ ଠାରୁ ଏକଥା ଶୁଣିବା ପରେ ଝିଅ ମନମରା ହୋଇ ବିବାହ ଯୋଜନା ବାତିଲ କଲା। ତେବେ କିଛି ଦିନ ପରେ ଆଉ ଜଣେ ଯୁବକକୁ ସାଥୀରେ ଆଣି ତାକୁ ସେ ବିବାହ କରିବାକୁ ଚାହେଁ କହିବାରୁ ବାପା ପୂର୍ବପରି 'ହିସାବରେ ସେ ତୋର ଭାଇ ହେବ' କହିବାରୁ ପୁଣି ବାଧା।
ଏମିତି ପର ପର ପାଞ୍ଚଜଣ ପ୍ରେମିକଙ୍କୁ ବିବାହ କରିବାକୁ ଯୋଜନା କରିଥିଲେ ହେଁ ସେମାନେ ତା'ର ଭାଇ ହେବେ ବୋଲି ବାପା କହିବାରୁ ଝିଅ ଏଥିରେ ବିରକ୍ତ ହୋଇ ତା' ମା'ଙ୍କ ପାଖକୁ ଗଲା। ମା' ରୋଷେଇରେ ବ୍ୟସ୍ତ ଥିଲେ। ଝିଅ ତାଙ୍କୁ ପଚାରିଲା-ବୋଉ, ଏ ସହରର ଯେଉଁ ଯୁବକକୁ ମୁଁ ବାହା ହେବାକୁ ଚାହୁଁଛି ବାପା କହୁଛନ୍ତି ହିସାବରେ ସେ ମୋର ଭାଇ ହେବ। ଏ ସହରଟା ଯାକର ଟୋକା ଯଦି ମୋର ଭାଇ ହୁଅନ୍ତି ତେବେ ମୁଁ ବାହା ହେବି କାହାକୁ ? ବାପାଙ୍କର ଯଦି ଏମିତି କରିବାକୁ ଇଚ୍ଛା ଥିଲା ତା'ହେଲେ ତମେମାନେ ଏନ୍ତୁଡ଼ିଶାଳରେ ମୋ ତଣ୍ଟି ଚିପି ନଦେଲ କାହିଁକି ? ଝିଅର କଥା ଶୁଣିବା ପରେ ମା' କହିଲେ- ତୁ ବାପାଙ୍କ କଥା କାହିଁକି ଶୁଣୁଥିଲୁ ? ମୋତେ ଥରେ ପଚାରିଲୁନି ? ଝିଅ ଦୁଃଖରେ ଭାଙ୍ଗିପଡି କହିଲା-ତୋତେ କହିଥିଲେ କ'ଣ ହୋଇଥାନ୍ତା ? ବାପାଙ୍କ ଚରିତ୍ର ବଦଳିଗଲେ ମୋର କ'ଣ ଲାଭ ହେବ। ଯାହା କରିବାର ସେ କରିସାରିଛନ୍ତି।
ମା' ଝିଅର କଥା ଶୁଣି ବହେ ହସିଲା। ତା'ପରେ ଝିଅ ପାଖକୁ ଆସି ତା ମୁଣ୍ଡ ଆଉଁଷି କହିଲେ - ପାଗଳିଟାଏ। ଏତେ ଚିନ୍ତା କାହିଁକି କରୁଛୁ। ସେମାନେ ତୋ ଭାଇ ବୋଲି ବାପା କହୁଛନ୍ତି। କିନ୍ତୁ ତୁ ଯେ ସେମାନଙ୍କର ଭଉଣୀ ନୁହଁ ଏକଥା ତୋ ବାପା କେମିତି ଜାଣିବେ ! ତେଣୁ ଜମା ବ୍ୟସ୍ତ ହୁଅନା !

# କିମ୍ସରେ ହୃଦରୋଗରେ ପୀଡ଼ିତ ଦୃଷ୍ଟିହୀନ ରୋଗୀଙ୍କ ବେଣ୍ଟାଲ ପ୍ରକ୍ରିୟାରେ ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୨୧/୩ ନ୍ୟୁଜ ବ୍ୟୁରୋ**

କିମ୍ସ ସିଟିଭିଏସ ବିଶେଷଜ୍ଞ ଡା. ଅମିତ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ କାର୍ଡିଓ-ଥୋରାସିକ୍ ଏବଂ ଭାସ୍କୁଲାର ସର୍ଜରୀ (ସିଟିଭିଏସ) ବିଭାଗର ଡାକ୍ତରମାନେ ଏକ୍ୟୁଟ୍ ଆଓର୍ଟିକ ଡିସେକ୍ସନ ରୋଗରେ ପୀଡ଼ିତ ଥିବା ୬୪ ବର୍ଷୀୟ ଜଣେ ଦୃଷ୍ଟିହୀନ ରୋଗୀଙ୍କଠାରେ ଜଟିଳ ବେଣ୍ଟାଲ ପ୍ରକ୍ରିୟାରେ ସଫଳ ଅସ୍ତ୍ରୋପଚାର କରାଯାଇଛି।
ଶରୀରର ସଂଯୋଜକ ଟିସୁକୁ ଦୁର୍ବଳ କରିଦେଉଥିବା ବଂଶଗତ ରୋଗ ମାର୍ଫାନ୍ସ ସିଣ୍ଡ୍ରୋମରେ ପୀଡିତ ରୋଗୀ ଛାତି ଏବଂ ପିଠିରେ ଗମ୍ଭୀର ଯନ୍ତ୍ରଣା ଅନୁଭବ କରିବାରୁ ସେ କିମ୍ସରେ ପରାମର୍ଶ ପାଇଁ ଆସିଥିଲେ। ହୃଦ୍‌ରୋଗ ବିଭାଗ ମୁଖ୍ୟ ଡା. ଶୁଭାଶିଷ ମିଶ୍ର ଏବଂ ଡା ପ୍ରଦୀପଙ୍କୁ ନେଇ ଏକ ହୃଦରୋଗ ବିଶେଷଜ୍ଞଙ୍କ ଦଳ ତାଙ୍କର ପରୀକ୍ଷା ନିରୀକ୍ଷା କରିଥିଲେ। ପରେ ସିଟି ଆଞ୍ଜିଓଗ୍ରାଫିରୁ ଏହା ଟାଇପ୍ ଏ ଆକ୍ୟୁଟ୍ ଆଓର୍ଟିକ ଡିସେକ୍ସନ୍ ବୋଲି ଜଣାପଡ଼ିଥିଲା। ଏହା ଅତ୍ୟନ୍ତ ଜଟିଳ ଓ ଜୀବନ ପ୍ରତି ଅଧିକ ବିପଦ ସମ୍ଭାବନା ରହୁଥିବାରୁ ତୁରନ୍ତ ଅସ୍ତ୍ରୋପଚାର ଆବଶ୍ୟକ ହୋଇଥାଏ।



କିମ୍ସର ହୃଦ୍ ଅସ୍ତ୍ରୋପଚାର ବିଭାଗର ଡା ଅମିତ ଅଗ୍ରୱାଲ ଏବଂ ଡା ସିକେଆର ମହାପାତ୍ର, ନିଶ୍ଚେତକ ବିଶେଷଜ୍ଞ ଡା ଅଶୋକ ବଡମାଳି ଏବଂ ଡା ଜ୍ଞାନ ମିଶ୍ରଙ୍କ ନେତୃତ୍ୱରେ ତାଙ୍କର ଜରୁରୀକାଳୀନ ବେଣ୍ଟାଲ ପ୍ରକ୍ରିୟାରେ ଅସ୍ତ୍ରୋପଚାର କରାଯାଇଥିଲା। ବେଣ୍ଟାଲ ପ୍ରକ୍ରିୟା ଏକ ଜଟିଳ ଓ ଚ୍ୟାଲେଞ୍ଜପୂର୍ଣ୍ଣ ଅସ୍ତ୍ରୋପଚାର ସତ୍ତ୍ୱେ ବିଶେଷଜ୍ଞମାନଙ୍କ ପ୍ରୟାସ ସଫଳ ହୋଇଥିଲା। ଅସ୍ତ୍ରୋପଚାର ପରେ କୃତଜ୍ଞତା ପ୍ରକାଶ କରି, ରୋଗୀଙ୍କ ପରିବାର କିମ୍ସ ଡାକ୍ତରୀ ଦଳକୁ ପ୍ରଶଂସା କରିଥିଲେ।

## ନୂଆଦିଲ୍ଲୀର ଏମ୍ସ ସମାବର୍ତ୍ତନ ସମାରୋହ

# ଏମ୍ସ ଗୀତାର କର୍ମଯୋଗର ଏକ ଚାଲୁଥିବା ପ୍ରୟୋଗଶାଳା: ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୨୧/୩**

ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନୂଆଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଥିଲେ ଯେ ଏମ୍ସ ନୂଆଦିଲ୍ଲୀ ଏକ ପ୍ରତିଷ୍ଠାନ, ଯାହା ସ୍ୱାସ୍ଥ୍ୟସେବା, ଚିକିତ୍ସା ଶିକ୍ଷା ଏବଂ ଜୀବନ ବିଜ୍ଞାନ ଗବେଷଣାରେ ଉତ୍କର୍ଷତା ହାସଲ କରି ସାରା ବିଶ୍ୱରେ ପ୍ରତିଷ୍ଠା ଅର୍ଜନ କରିଛି। ଏହା ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ଲକ୍ଷ ଲକ୍ଷ ରୋଗୀଙ୍କ ପାଇଁ ଆଶାର ପ୍ରତୀକ। ଏହାର ଅଧ୍ୟାପକ, ପାରାମେଡିକ୍ସ ଏବଂ ଅଣ-ଚିକିତ୍ସା କର୍ମଚାରୀଙ୍କ ସାହାଯ୍ୟରେ ଅବହେଳିତ ଏବଂ ସୁବିଧାପ୍ରାପ୍ତ ଲୋକଙ୍କୁ ସମାନ ସମର୍ପଣ ଓ ସହାନୁଭୂତି ସହିତ ଚିକିତ୍ସା କରନ୍ତି। ଏହା କୁହାଯାଇପାରେ ଯେ ଏମ୍ସ ଗୀତାର କର୍ମଯୋଗର ଏକ ଚାଲୁଥିବା ପ୍ରୟୋଗଶାଳା। ରାଷ୍ଟ୍ରପତି ଆହୁରି କହିଥିଲେ ଯେ, ଏମ୍ସ କେବଳ ଜାତୀୟ ସ୍ତରରେ ନୁହେଁ ବରଂ ବିଶ୍ୱ ସ୍ତରରେ ସ୍ୱାସ୍ଥ୍ୟସେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଏକ ଗର୍ବର ସହିତ ନିର୍ମିତ । ଭାରତରେ ନିର୍ମିତ ସଫଳତାର କାହାଣୀ ଏବଂ ସାରା ଦେଶରେ ଅନୁକରଣୀୟ ହେବା ପାଇଁ ଏକ ମଡେଲ। ଏହାର ଅସ୍ତିତ୍ୱର ୬୯ ବର୍ଷ ମଧ୍ୟରେ ବ୍ରାଣ୍ଡ ଏମ୍ସ ମୂଲ୍ୟବୋଧ ପ୍ରତି ଏହାର ପ୍ରତିବଦ୍ଧତା ଯୋଗୁଁ ସମୟର ପରୀକ୍ଷାରେ ପାର ହୋଇଛି। ନବସୃଜନଶୀଳ ଗବେଷଣା ଏବଂ ରୋଗୀ ସେବା ମାଧ୍ୟମରେ ସ୍ୱାସ୍ଥ୍ୟସେବାକୁ ଆଗକୁ ବଢାଇବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତା ପ୍ରକୃତରେ ପ୍ରଶଂସନୀୟ। ରାଷ୍ଟ୍ରପତି ସୁଶାସନ ସୁନିଶ୍ଚିତ କରିବା, ଏହାର ସମସ୍ତ ପ୍ରୟାସରେ ସ୍ୱଚ୍ଛତା, ଦକ୍ଷତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ପାଇଁ ଏମ୍ସ ନେଇଥିବା ପଦକ୍ଷେପଗୁଡ଼ିକୁ ମନେ ପକାଇ ଖୁସି ହୋଇଥିଲେ। ଯେକୌଣସି ସଂଗଠନର ସୁସ୍ଥ ବିକାଶ ପାଇଁ ଉତ୍ତମ ଶାସନ ଆବଶ୍ୟକ ଏବଂ ଏମ୍ସ ଏହାର ବ୍ୟତିକ୍ରମ ନୁହେଁ। ଏହାର ଦାୟିତ୍ୱ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଗବେଷଣା ବାହାରେ। ଏହା ଏପରି ଏକ ପରିବେଶକୁ ପ୍ରୋତ୍ସାହିତ କରିବା ପର୍ଯ୍ୟନ୍ତ ବିସ୍ତାରିତ ଯେଉଁଠାରେ ପ୍ରତ୍ୟେକ ଅଂଶୀଦାରଙ୍କ ସ୍ୱର ଶୁଣାଯାଏ, ଯେଉଁଠାରେ ସମ୍ବଳକୁ ନ୍ୟାୟପୂର୍ଣ୍ଣ ଭାବରେ ବ୍ୟବହାର କରାଯାଏ ଏବଂ ଯେଉଁଠାରେ ଉତ୍କର୍ଷତା ଆଦର୍ଶ ଦେଖାଯାଏ। ଭାବପ୍ରବଣ ସ୍ୱାସ୍ଥ୍ୟ ପ୍ରସଙ୍ଗ ବିଷୟରେ କହିବାକୁ ଯାଇ ରାଷ୍ଟ୍ରପତି କହିଛନ୍ତି ଯେ ଏହା ଆଜିର ବିଶ୍ୱରେ ଏକ ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରେ। ସେ କହିଥିଲେ ଯେ କାହା ପାଇଁ ବିଶେଷକରି ଯୁବ ପିଢ଼ି ପାଇଁ ନିରାଶାର କୌଣସି ସୁଯୋଗ ନାହିଁ। ଜୀବନରେ ପ୍ରତ୍ୟେକ କ୍ଷତି ସମାଧାନଯୋଗ୍ୟ, କେବଳ ଏକ ମୂଲ୍ୟବାନ ଜୀବନର କ୍ଷତି ବ୍ୟତୀତ। ସେ ଏମ୍ସର ଅଧ୍ୟାପକମାନଙ୍କୁ ଏହି ଲୁକ୍କାୟିତ ରୋଗ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ମାନସିକ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଏକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ଅନୁରୋଧ କରିଥିଲେ। ସ୍ନାତକୋତ୍ତର ଛାତ୍ରମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଏବେ ସେମାନଙ୍କୁ ସେମାନଙ୍କର ଶିକ୍ଷାର ଉପଯୋଗ କରିବା ପାଇଁ ଏକ ଉଜ୍ଜ୍ୱଳ କ୍ୟାରିଅର ଗଢ଼ିବାକୁ ପଡିବ। ସେ ସେମାନଙ୍କୁ ଅବହେଳିତ ଲୋକଙ୍କୁ ସାହାଯ୍ୟ କରିବାର କୌଣସି ସୁଯୋଗକୁ କେବେବି ଅଣଦେଖା ନକରିବାକୁ ଅନୁରୋଧ କରିଥିଲେ। ଦେଶର ଅନେକ ଅଞ୍ଚଳରେ ପର୍ଯ୍ୟାପ୍ତ ସଂଖ୍ୟାରେ ଡାକ୍ତରୀ ବୃତ୍ତିଗତ ନାହାନ୍ତି। ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ ସେମାନେ ବର୍ଷର କିଛି ସମୟ ପାଇଁ ମଧ୍ୟ ସେହି ଅଞ୍ଚଳର ଲୋକଙ୍କ ସେବା କରିବାକୁ ବିଚାର କରିବେ। ଶ୍ରୀମତୀ ମୁର୍ମୁ ସେମାନଙ୍କୁ ସେମାନଙ୍କ ଚାରିପାଖର ଲୋକଙ୍କ ଯତ୍ନ ନେବାକୁ ଏବଂ ନିଜ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ ।



# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଭୁବନେଶ୍ୱର, ୨୧/୩ ନ୍ୟୁଜ ବ୍ୟୁରୋ**

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ରାଜଭବନରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟିଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡ. ବିଶ୍ୱାସ ରାଜ୍ୟପାଳଙ୍କୁ ଏମ୍ସ ଭୁବନେଶ୍ୱରରେ ରୋଗୀ ସେବା ସହିତ ଜଡିତ ଅନେକ ପ୍ରମୁଖ ବିକାଶମୂଳକ ପ୍ରସଙ୍ଗ ବିଷୟରେ ଅବଗତ କରାଇଥିଲେ। ଡ. ବିଶ୍ୱାସ ଅନୁଷ୍ଠାନରେ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟସେବାକୁ ଆହୁରି ଉନ୍ନତ କରିବା ପାଇଁ ଜାରି ରହିଥିବା ବିଭିନ୍ନ ପଦକ୍ଷେପ ଏବଂ ରଣନୀତି ଉପରେ ମଧ୍ୟ ଆଲୋଚନା କରିଥିଲେ। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ସ୍ୱାସ୍ଥ୍ୟସେବା ପ୍ରତି ଏମ୍ସ ଭୁବନେଶ୍ୱର ଗ୍ରହଣ କରିଥିବା ବ୍ୟାପକ ଏବଂ ସାମଗ୍ରିକ ଆଭିମୁଖ୍ୟ ଏବଂ ସମାଜ ଉପରେ ଏହାର ସକାରାତ୍ମକ ପ୍ରଭାବ ପାଇଁ ପ୍ରଶଂସା କରିଥିଲେ। ରାଜ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଆଗକୁ ବଢ଼ାଇବାରେ ରାଜ୍ୟପାଳ ଏପରି ପ୍ରତିଷ୍ଠାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଗବେଷଣାରେ ଅବଦାନ ପାଇଁ ଏମ୍ସ ଭୁବନେଶ୍ୱରକୁ ପ୍ରଶଂସା କରିଥିଲେ। ରାଜ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଆଗକୁ ବଢ଼ାଇବାରେ ରାଜ୍ୟପାଳ ଏପରି ପ୍ରତିଷ୍ଠାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଗବେଷଣାରେ ଅବଦାନ ପାଇଁ ଏମ୍ସ ଭୁବନେଶ୍ୱରକୁ ପ୍ରଶଂସା କରିଥିଲେ। ଦେଶର ଜଣେ ବିଶିଷ୍ଟ ଶିକ୍ଷାବିତ ତଥା ଓଡ଼ିଶାର ରାଜ୍ୟପାଳଙ୍କ ସହିତ ହୋଇଥିବା ଏହି ପ୍ରେରଣାଦାୟୀ ବୈଠକରେ ସ୍ୱାସ୍ଥ୍ୟସେବା ଏବଂ ବିକାଶ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବା ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଏହି ସାକ୍ଷାତକାରରେ ଏମ୍ସ ଭୁବନେଶ୍ୱର ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର ମଧ୍ୟ ଉପସ୍ଥିତ ଥିଲେ।



## ଜିଏସ୍‌ଟି ଚୋରି କଲେ ଲାଗିବ ୧୦ ହଜାର ଜରିମାନା

# ଏପ୍ରିଲ ପହିଲାରୁ ବଦଳିଯିବ ନିୟମ

**ନୂଆଦିଲ୍ଲୀ, ୨୧/୩**

ଭାରତ ସରକାର ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି)ର ନିୟମରେ ଅନେକ ପରିବର୍ତ୍ତନ କରିଛନ୍ତି । ଏହାଫଳରେ ଏପ୍ରିଲ ପହିଲାରୁ ଇନ୍‌ପୁଟ୍ ସର୍ଭିସ ଡିଷ୍ଟ୍ରିବ୍ୟୁଟର ସିଷ୍ଟମ ଲାଗୁ ହେବାକୁ ଯାଉଛି । ପୂର୍ବରୁ ବିଜିନେସ କରୁଥିବା ଲୋକଙ୍କ ପାଖରେ କମନ ଆଇଟିସିକୁ ନିଜର ଅନ୍ୟ ଜିଏସ୍‌ଟି ରେଜିଷ୍ଟ୍ରେସନରେ ଆବଣ୍ଟିତ କରିବା ପାଇଁ ଦୁଇଟି ଅପ୍ସନ ଦିଆଯାଉଥିଲା । ସେଥିରେ ଦୁଇଟି ଅପ୍ସନ ଏହା ଥିଲା ଯେ, ଆଇଏସଡି ମେକାନିଜିମ ବା କ୍ରସ-ଚାର୍ଜ ମେଥଡ, ମାତ୍ର ଏବେ ଏପ୍ରିଲ ୧ରୁ ଆଇଏସଡିର ବ୍ୟବହାର ନକଲେ ରେସିପିଏଣ୍ଟ ଲୋକେସନ ପାଇଁ ଆଇଟିସି ଦିଆଯିବ ନାହିଁ । ଯଦି ଆଇଟିସିର ଭୁଲ ବିତରଣ ହୁଏ, ତେବେ ଟ୍ୟାକ୍ସ ଅଥରିଟି ସୁଧ ସହିତ ରାଶି ଆଦାୟ କରିଥାନ୍ତି । ଏଥିସହିତ ଅନିୟମିତ ବିତରଣ ପାଇଁ ଜରିମାନା ମଧ୍ୟ ଲାଗିଥାଏ, ଯାହା ଆଇଟିସିର ରାଶି ବା ୧୦ ହଜାର ଟଙ୍କାରୁ ମଧ୍ୟ ଅଧିକ ହେବ । କୁହାଯାଉଛି, ଏହି ପରିବର୍ତ୍ତନ ଜିଏସଟି ସିଷ୍ଟମକୁ ଆହୁରି ଅଧିକ ବ୍ୟବସ୍ଥିତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ହେବ । ଆଇଏସଡି ସିଷ୍ଟମ ରାଜ୍ୟମାନଙ୍କ ମଧ୍ୟରେ ଟ୍ୟାକ୍ସ ରେଭିନ୍ୟୁ ବିତରଣ କରିବା ସହିତ ବ୍ୟବସାୟୀଙ୍କୁ ମଧ୍ୟ ନିଜର ଟ୍ୟାକ୍ସ ନେଣଦେଣରେ ସୁଫଳ ପ୍ରଦାନ କରିବ । ଏହି ପଦକ୍ଷେପ ଟ୍ୟାକ୍ସ ଚୋରିକୁ ରୋକିବା ଓ ସିଷ୍ଟମରେ ପାରଦର୍ଶିତା ଆଣିବା ପାଇଁ ବହୁତ ସହାୟତା ପ୍ରଦାନ କରିବ।

# ଟଙ୍କଧର ତ୍ରିପାଠୀଙ୍କୁ ହାଇକୋର୍ଟ ଝଟ୍‌କା : ବିଧାୟକଙ୍କ ବିରୋଧରେ ଚାଲିବ ମାମଲା

**କଟକ, ୨୧/୦୩ ନ୍ୟୁଜ ବ୍ୟୁରୋ**

ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ହାଇକୋର୍ଟ ଝଟ୍‌କା । ବିଧାୟକଙ୍କ ବିରୋଧରେ ଚାଲିବ ମାମଲା । ଝାରସୁଗୁଡା ବିଧାନସଭା ନିର୍ବାଚନୀ ମାମଲାରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ମାମଲା ଚାଲିବ ବୋଲି ନିର୍ବାଚନୀ ସମ୍ପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଏପ୍ରିଲ ୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ବିନା ଶୁଣାଣିରେ ମାମଲା ଖାରଜ କରିବାକୁ ଟଙ୍କଧର ଯେଉଁ ଆବେଦନ କରିଥିଲେ ତାହାକୁ କୋର୍ଟ ଖାରଜ କରି ଦେଇଛନ୍ତି । ସେହିପରି ଟଙ୍କଧରଙ୍କ ବିରୋଧରେ ଅପରାଧିକ ମାମଲା ସମ୍ପର୍କରେ ତଥ୍ୟ ନେଇ ସତ୍ୟପାଠ ଦାଖଲ କରିବାକୁ ଦୀପାଳି ଦାସଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅପରାଧିକ ମାମଲା ସମ୍ପର୍କରେ ତଥ୍ୟ ଲୁଚାଇବା ଅସାଧୁ ଉପାୟ ଅବଲମ୍ବନ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ତେବେ ଆସନ୍ତା ଏପ୍ରିଲ ୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନଧାର୍ଯ୍ୟ କରିଛନ୍ତି। ଦୀପାଳି ଦାସଙ୍କ ଓକିଲ ତରଣୀକାନ୍ତ ବିଶ୍ୱାଳ କହିଛନ୍ତି, 'ଝାରସୁଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଯେଉଁ ନିର୍ବାଚନ ମକଦ୍ଦମା ଦାଖଲ ହୋଇଛି ତାହା ପୂର୍ବତନ ବିଜେଡି ବିଧାୟିକା ତଥା ପରାଜିତ ପ୍ରାର୍ଥୀ ଦୀପାଳି ଦାସ ରୁଜୁ କରିଛନ୍ତି । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ଏହି ନିର୍ବାଚନ ମକଦ୍ଦମା ବହୁ ଅଭିଯୋଗ ଆଣିଛନ୍ତି। ବିଧାୟକ ମନୋନୟନ ପତ୍ର ସହିତ ଦାଖଲ କରିଥିବା ଫର୍ମ ୨୬ର ସତ୍ୟପାଠରେ ବହୁ ଅପରାଧିକ ତଥ୍ୟ ଦର୍ଶାଇ ନଥିବା ଆବେଦନକାରୀ ଆବେଦନରେ ଅଭିଯୋଗ କରିଛନ୍ତି । ଯାହା ବି ଦର୍ଶାଇଛନ୍ତି ତାହା ସଠିକ ଭାବରେ ଦର୍ଶାଇ ନାହାଁନ୍ତି ବୋଲି ଅଭିଯୋଗ ହୋଇଛି । ସେହିପରି ଆୟବ୍ୟୟ ସମ୍ପତ୍ତିର ବିବରଣୀ ଠିକ ଭାବରେ ଦେଇନାହାନ୍ତି । ଏଥିସହ ତାଙ୍କର ସତ୍ୟପାଠ ଷ୍ଟାମ୍ପ ପେପର ଉପରେ ତିଆରି ହୋଇନଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଏହା ଆଇନଗତ ଭାବରେ ଗ୍ରହଣ ଯୋଗ୍ୟ ନୁହେଁ ବୋଲି ଦୀପାଳି ଆବେଦନରେ ଦର୍ଶାଇଛନ୍ତି ।' ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପକ୍ଷରୁ ଏକ ଅନ୍ତରୀଣ ଆବେଦନ ହାଇକୋର୍ଟଙ୍କ ପାଖରେ ଦାଖଲ କରାଯାଇଥିଲା । ଦୀପାଳି ଦାସଙ୍କ ମୂଳ ମକଦ୍ଦମାକୁ ଖାରଜ କରିବାକୁ ଏହି ଆବେଦନ କରାଯାଇଥିଲା । ଏହି ଆବେଦନ ଗ୍ରହଣଯୋଗ୍ୟ ନୁହେଁ ବୋଲି ବିଧାୟକ ଆବେଦନରେ ଦର୍ଶାଇଥିଲେ । ତେବେ ଏହି ମାମଲାକୁ ବିଚାରକରି ହାଇକୋର୍ଟର ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ରାୟ ପ୍ରଦାନ କରିଛନ୍ତି । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଅନ୍ତରୀଣ ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି । ଦୀପାଳି ଦାସଙ୍କ ଓକିଲ ତରଣୀକାନ୍ତ ବିଶ୍ୱାଳ ଆହୁରି କହିଛନ୍ତି, 'ଦୀପାଳି ଦାସଙ୍କ ମୂଳ ମକଦ୍ଦମା ବିଚାର ପାଇଁ ଶୁଣାଣି କରାଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ଏଥିସହ କୋର୍ଟ ଏହି ମାମଲାର ଶୁଣାଣି କରି ମତ ଦେଇଛନ୍ତି ଯେ କୌଣସି ପ୍ରାର୍ଥୀ ମନୋନୟନ ପତ୍ର ସହ ଯେଉଁ ସତ୍ୟପାଠ ଦାଖଲ କରୁଛନ୍ତି, ଯଦି ସେଥିରେ ଅପରାଧିକ ଭିତ୍ତିଭୂମି ଉପରେ ଭୁଲ ତଥ୍ୟ ଦାଖଲ କରିଥାନ୍ତି ଅର୍ଥାତ କୌଣସି ଅପରାଧକୁ ଲୁଚାଇ ରଖିଥାନ୍ତି, ତାହା ଅସାଧୁ ଉପାୟ ଅବଲମ୍ବନର ପରିସର ଭୁକ୍ତ ହେବ । ସେଥିପାଇଁ ଏକ ସତ୍ୟପାଠ ଫର୍ମ ୨୫ରେ ନିର୍ବାଚନ ଆଇନ ଅନୁସାରେ ଦାଖଲ କରିବା ପାଇଁ ଦୀପାଳି ଦାସଙ୍କୁ ୩ ସପ୍ତାହ ସମୟ ଦେଇଛନ୍ତି କୋର୍ଟ ।'



## ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏସଓପି ଜାରି କଲା ଉଚ୍ଚଶିକ୍ଷା ବିଭାଗ

# ସକାଳ ସମୟରେ କ୍ଲାସ ଓ ପରୀକ୍ଷା କରିବାକୁ ପରାମର୍ଶ

**ଭୁବନେଶ୍ୱର, ୨୧/୩ ନ୍ୟୁଜ ବ୍ୟୁରୋ**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପତ୍ର ପ୍ରେରଣ କରାଯାଇଛି। ଏଥିପାଇଁ ଜାରି ହୋଇଛି ଏସଓପି। ସକାଳ ସମୟରେ ହିଁ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର କ୍ଲାସ ଓ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ଆଉଟ୍‌ଡୋର କାର୍ଯ୍ୟକଳାପ ଉପରେ କଟକଣା ଜାରି ସହ ଉପରବେଳା ଏସବୁ କାମ କରିବା ଲାଗି କୁହାଯାଇଛି। ସମସ୍ତ ପ୍ରତିଷ୍ଠାନରେ ପାନୀୟ ଜଳ ଓ ଓଆରଏସ ବ୍ୟବସ୍ଥା କରାଯିବ। ପ୍ରତିଷ୍ଠାନ ଭିତରେ ଥିବା ନଳକୂପ ଓ ପମ୍ପର ମରାମତି କରାଯିବ। କଲେଜ ଓ ପରୀକ୍ଷା କେନ୍ଦ୍ରରେ ଫାଷ୍ଟ ଏଡ ସୁବିଧା ରଖାଯିବ। ହିଟ୍ ୱେଭ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବ। ସମସ୍ତ ନିଷ୍ପତ୍ତିର କାର୍ଯ୍ୟକାରିତାର ଅନୁଧ୍ୟାନ ଲାଗି ଏକ ସ୍କ୍ୱାଡ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



# ଗେମିଂ ଆପ୍‌ରେ ଲଗାଇଥିଲେ ସରକାରୀ ଅର୍ଥ : ଭିଜିଲାନ୍ସ ହାତରେ ଧରାପଡିଲେ ପିଇଓ

**ଭୁବନେଶ୍ୱର ୨୧।୩ ନ୍ୟୁଜ ବ୍ୟୁରୋ**

ସରକାରୀ ଟଙ୍କାକୁ କ୍ରିକେଟ୍ ଏବଂ ଗେମିଂ ଆପରେ ଲଗାଇ ବନ୍ଧା ହେଲେ ପିଇଓ । ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତ ପିଇଓ କ୍ଷେତ୍ରମୋହନ ନାୟକ ଗିରଫ ହୋଇଛନ୍ତି । ୪୩ ଲକ୍ଷ ଟଙ୍କା ସରକାରୀ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ କ୍ଷେତ୍ରମୋହନଙ୍କୁ ଗିରଫ କରାଯାଇଛି । ଜାଲ୍ ଦସ୍ତଖତ କରି ପଞ୍ଚାୟତର ସିଏଫ୍‌ସି, ଏସ୍‌ଏଫ୍‌ସି, ପିଡିଏସ୍ ଏବଂ ଓଏପି ଆକାଉଣ୍ଟରୁ ଟଙ୍କା ଉଠାଇଥିଲେ ପିଇଓ କ୍ଷେତ୍ରମୋହନ। ୪୩ ଲକ୍ଷ ଟଙ୍କାକୁ ନିଜର ଆକ୍ସିସ ବ୍ୟାଙ୍କ ଏବଂ କାନାରା ବ୍ୟାଙ୍କକୁ ଆଣି ଗେମିଂ ଆପ୍‌ରେ ଲଗାଇଥିଲେ । ସରକାରୀ ଅର୍ଥ ହେରଫେର ମାମଲାରେ ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତ ପିଇଓ କ୍ଷେତ୍ରମୋହନ ନାୟକଙ୍କୁ ଗିରଫ କରିଛି ବ୍ରହ୍ମପୁର ଭିଜିଲାନ୍ସ ଟିମ୍ । ସିଏଫ୍‌ସି, ଏସ୍‌ଏଫ୍‌ସି, ପିଡିଏସ୍ ଏବଂ ଓଏପିର ୪୩ ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା । ସରପଞ୍ଚଙ୍କ ଦସ୍ତଖତକୁ ନକଲି କରି ୪୩ ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା । ଗତ ୭ ମାସ ହେଲା ଲୋକେ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଥିଲେ । ସରପଞ୍ଚଙ୍କ ନାଁରେ ଅଠା ବୋଳିବାକୁ ପ୍ରୟାସ କରିଥିଲେ । କିନ୍ତୁ ଅଭିଯୋଗ ପରେ ସତ ପଦାକୁ ଆସିଲା । ରାଧାଦେଇପୁର ପିଇଓ କ୍ଷେତ୍ରମୋହନ ୨୦୨୪ ଜୁଲାଇ ମାସରେ ଚାକିରି ଜୀବନ ଆରମ୍ଭ କରିଥିଲେ । କମ୍ ସମୟ ମଧ୍ୟରେ ଏଭଳି ଅର୍ଥ ହେରଫେର କରି ଗିରଫ ହୋଇଛନ୍ତି। ସରପଞ୍ଚଙ୍କ ଦସ୍ତଖତକୁ ନକଲି କରି ୪୩ ଲକ୍ଷ ଟଙ୍କା ହେରଫେର କରି ଜୁଆ, ବେଟିଂରେ ଲଗାଇଥିବା ନେଇ ଗିରଫ ପିଇଓ ତଦନ୍ତ ବେଳେ କହିଛନ୍ତି ବୋଲି ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ କହିଛନ୍ତି । କ୍ଷେତ୍ରମୋହନଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଥିବା ଏସ୍‌ପି କହିଛନ୍ତି ।

# ସାମୁଦ୍ରିକ ଚୁକ୍ତି ଖିଲାପ ବିବାଦ ମାମଲା : ପାରାଦୀପରେ ଦୁଇଟି ଜାହାଜ ଗିରଫ

**ପାରାଦୀପ ୨୧।୩ ନ୍ୟୁଜ ବ୍ୟୁରୋ**

ପାରାଦୀପରେ ଦୁଇ ଜାହାଜ ଗିରଫ । ତୁରନ୍ତ ଗିରଫ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ସମ୍ପୃକ୍ତ ଦୁଇ ଜାହାଜକୁ ପାରାଦୀପ ମେରାଇନ ପୋଲିସ ଗିରଫ କରିଛି । ଉକ୍ତ ଦୁଇ ଜାହାଜ ଏବେ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବାବେଳେ ଏକ ସାମୁଦ୍ରିକ ଚୁକ୍ତି ଖିଲାପ ବିବାଦ ସମ୍ପର୍କିତ ମାମଲାର ବିଚାର କରି ଏଭଳି ନିର୍ଦ୍ଦେଶ ଦେଇଥିଲେ ଉଚ୍ଚ ନ୍ୟାୟାଳୟ । ଓସେନ୍ ଜାଡେ, ଓସେନ୍ ମୋର୍ଗାନାଇଟ ଜାହାଜ ପାରାଦୀପରେ ଥିବାବେଳେ ଆଲଫାଡ୍ ମେରାଇନ ଲିମିଟେଡ ପକ୍ଷରୁ ଏହି ମାମଲା ଦାୟର କରାଯାଇଥିଲା । ପ୍ରାୟ ୪୨୮ କୋଟି ଟଙ୍କା ଦାବିକରି ସମ୍ପୃକ୍ତ ସଂସ୍ଥା ଦୁଇ ଜାହାଜକୁ ତୁରନ୍ତ ଗିରଫ କରିବା ଓ ଗିରଫ ନହେଲେ ସେମାନଙ୍କର ପ୍ରଭୁତ୍ୱ କ୍ଷତି ଘଟିବ ବୋଲି ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ମେରାଇନ ପୋଲିସ ଓ କୁଜଙ୍ଗ ସବ୍ ଜଜ୍ ଆସି ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ଉକ୍ତ ଜାହାଜକୁ ଗିରଫ ନୋଟିସ୍ ଜାରି କରିବା ସହ ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ ସ୍ଥାନ ଛାଡି ନଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଦୁଇ ଜାହାଜ ସପୋର୍ଟିଂ ଜାହାଜ ଭାବେ କାର୍ଯ୍ୟ କରନ୍ତି । ଦୂର ସମୁଦ୍ର ମଧ୍ୟରେ ବୃହତ ଜାହାଜକୁ ଏମାନେ ବିଭିନ୍ନ ଆବଶ୍ୟକୀୟ ପଦାର୍ଥ ଯୋଗାଇବାରେ ନିୟୋଜିତ ହୋଇଥାନ୍ତି ।

# ପିଲାଙ୍କ ମଧ୍ୟାହ୍ନଭୋଜନକୁ ସୁଷମ କରିବା ପାଇଁ ଖାଦ୍ୟରେ ହେବନି ତେଲ ବ୍ୟବହାର

**ଭୁବନେଶ୍ୱର, ୨୧/୦୩ ନ୍ୟୁଜ ବ୍ୟୁରୋ**

ଦେଶରେ ପିଲାଙ୍କଠାରେ ମୋଟାପଣ ଦେଖିବାକୁ ମିଳୁଛି । ବିଶେଷ ଭାବେ ୫ରୁ ୧୯ବର୍ଷ ମଧ୍ୟରେ ଥିବା ପିଲାଙ୍କ ଓଜନ ଅତ୍ୟଧିକ ରହୁଛି । ଏହାକୁ ନେଇ ଚିନ୍ତା ପ୍ରକଟ କରିଛି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ । ତେଣୁ ମଧ୍ୟାହ୍ନଭୋଜନକୁ ସୁଷମ କରିବା ପାଇଁ ନିଆଯାଉଛି ପଦକ୍ଷେପ । ଏଣିକି ମଧ୍ୟାହ୍ନଭୋଜନ ଖାଦ୍ୟରେ କମ୍ ତେଲ ବ୍ୟବହାର ହେବ। ଆଗରୁ ଯେତିକି ତେଲ ବ୍ୟବହାର ହେଉଥିଲା, ତା'ର ୧୦ ପ୍ରତିଶତ ହ୍ରାସ କରାଯିବ । ଫର୍ଟିଫାଏଡ୍ ଭିଟାମିନ୍ ଏ ଓ ଡି ଯୁକ୍ତ ଖାଇବା ତେଲ ବ୍ୟବହାର ହେବ। ଡବଲ ଫର୍ଟିଫାଏଡ୍ ଲୁଣ ବ୍ୟବହାର କରାଯିବ। ଏପରିକି କମ୍ ଲୁଣ ମଧ୍ୟ ବ୍ୟବହାର ହେବ। ଏଥିସହ ନ୍ୟୁଟ୍ରିସିଆନ୍‌ଙ୍କ ପରାମର୍ଶ ନିଆଯିବ। ଜଣେ ଶିକ୍ଷାର୍ଥୀଙ୍କୁ ସ୍ୱାସ୍ଥ୍ୟ ଆମ୍ବାସାଡାର ଭାବେ ନିଯୁକ୍ତି ଦିଆଯିବ। ଏପରି ନିଷ୍ପତ୍ତି ନେଇଛି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ। ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟର ମୁଖ୍ୟଶାସନ ସଚିବ, ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ, ସମଗ୍ର ଶିକ୍ଷାର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ, ଏନ୍‌ସିଇଆରଟି ନିର୍ଦ୍ଦେଶକ, ସିବିଏସ୍‌ଇ ଅଧ୍ୟକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ସଂଗଠନର କମିଶନରଙ୍କୁ ଚିଠି ହୋଇଛି । ଏଥିରେ କୁହାଯାଇଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମ ସମୟରେ ପିଲାଙ୍କଠାରେ ଦେଖାଯାଉଥିବା ମୋଟାପଣକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏପିରକି ଏକ ଜର୍ଣ୍ଣାଲରେ ଏସମ୍ପର୍କରେ ମଧ୍ୟ ପ୍ରକାଶ ପାଇଛି । ଯାହା ଖାଇବା ପିଇବା ଶୈଳୀରେ ପରିବର୍ତ୍ତନ ନେଇ ଏପରି ଦେଖାଯାଉଛି ବୋଲି କୁହାଯାଇଛି। ତେଣୁ ରନ୍ଧନ ହେଉଥିବା ଖାଦ୍ୟରେ ୧୦ ପ୍ରତିଶତ ଖାଇବା ତେଲର ବ୍ୟବହାର ହ୍ରାସ କରାଯିବ । ଏ ସମ୍ପର୍କରେ ଅଭିଭାବକ, ଶିକ୍ଷକଙ୍କୁ ସଚେତନ କରାଯିବ । ପିଏମ୍ ପୋଷଣ ଯୋଜନାରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନକୁ ଅଧିକ ସୁଷମ କରାଯିବ । ପୋଷଣ ଯୁକ୍ତ ଚାଉଳ, ଗହମ, ଡାଲି, ପନିପରିବା ବ୍ୟବହାର ହେବ । ପ୍ରାଥମିକ ଶ୍ରେଣୀ ପିଲାଙ୍କ ପାଇଁ ୫ ଗ୍ରାମ୍ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀ ପିଲାଙ୍କ ପାଇଁ ୭.୫ ଗ୍ରାମ୍‌ର ଲୁଣ ବ୍ୟବହାର ହେବ। ସ୍କୁଲରେ ପୋଷଣ ବଗିଚା କରାଯିବ । ସେଠାରୁ ଉତ୍ପାଦିତ ପରିବା ମଧ୍ୟାହ୍ନଭୋଜନରେ ବ୍ୟବହାର ହେବ । ଖାଇବା ତେଲ କମ୍ ବ୍ୟବହାର ନେଇ ମଧ୍ୟ ଏକ ସଚେତନତା କାର୍ଯ୍ୟକ୍ରମ ହେବ ଯେଉଁଥିରେ ସ୍ୱତନ୍ତ୍ର କ୍ଲାସ କରାଯିବ। ଜଣେ ପୋଷଣ ବିଶେଷଜ୍ଞ (ନ୍ୟୁଟ୍ରିସିଆନ୍)ଙ୍କୁ ସ୍କୁଲକୁ ନିମନ୍ତ୍ରଣ କରାଯିବ। ସେ ଏକ ସୂଚନାସମ୍ବଳିତ ଅଧିବେଶନ କରି କମ୍ ଖାଇବା ତେଲ ବ୍ୟବହାରରେ କିପରି ରୋଷେଇ ହୋଇପାରିବ ପରାମର୍ଶ ଦେବେ। ସ୍କୁଲସ୍ତରୀୟ କୁଇଜ୍ ପ୍ରତିଯୋଗିତା ହେବ। ଇକୋ କ୍ଲବ୍ ଆକ୍ଟିଭିଟି କରାଯିବ । ବ୍ୟାୟାମ ଓ ଯୋଗ ନିୟମିତ କରିବାକୁ ପ୍ରୋତ୍ସାହିତ କରାଯିବ। ଛାତ୍ରଛାତ୍ରୀଙ୍କୁ ନେଇ କମ୍ ତେଲରେ କିପରି ରୋଷେଇ ହୋଇପାରିବ ତା'ର ଏକ ପ୍ରତିଯୋଗିତା ମଧ୍ୟ ହେବ। ଏହାକୁ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରି ସଚେତନତା ସୃଷ୍ଟି କରାଯିବ । ସ୍କୁଲ ପରିଚାଳନା କମିଟିକୁ ନେଇ ମଧ୍ୟ ବୈଠକ ହେବ ବୋଲି ସୂଚନା ମିଳିଛି ।



# ଏଆଇ କ୍ୟାମେରା ସହାୟତାରେ ବନାଗ୍ନିର ସମସ୍ତ ତଥ୍ୟ ଶୀଘ୍ର ମିଳିପାରୁଛି : ପିସିସିଏଫ

**ଭୁବନେଶ୍ୱର ୨୧।୩ ନ୍ୟୁଜ ବ୍ୟୁରୋ**

ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ କରିବା ପାଇଁ ବନ ବିଭାଗ ପ୍ରସ୍ତୁତ ରହିଛି । ନିଆଁ ଲିଭାଇବା ପ୍ରକ୍ରିୟା ମଧ୍ୟ ଜୋରସୋରରେ ଆଗେଇ ଚାଲିଛି । ଏ ନେଇ ପିସିସିଏଫ ସୁରେଶ ପନ୍ତ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି, ରାଜ୍ୟରେ ୧୫ ହଜାର ୭୨୩ କିଲୋମିଟର ନୂଆ ଫାୟାର ଲାଇନ ନିର୍ମାଣ କରାଯାଇଛି। ଏହା ସହ ପୁରୁଣାରେ ଥିବା ୧୬ ହାଜର ୬୩୦ କିଲୋମିଟର ଜଙ୍ଗଲ ଫାୟାର ଲାଇନ ଉପରେ ମଧ୍ୟ ନଜର ରଖିଛି ବନ ବିଭାଗ। ଜଙ୍ଗଲରେ ଲାଗୁଥିବା ନିଆଁକୁ ଆୟତ କରିବା ପାଇଁ ପ୍ରତ୍ୟେକ ଡିଭିଜନରେ ଫାୟାର ସ୍କ୍ୱାଡ୍ ରହିଛି । ମୋଟ୍ ୩୩୪ ଫାୟାର ସ୍କ୍ୱାଡ୍ ରହିଛି । ପ୍ରତ୍ୟେକ ସ୍କ୍ୱାଡ୍‌କୁ ନିଆଁ ଲିଭେଇବା ପାଇଁ ସମସ୍ତ ଯନ୍ତ୍ରପାତି ସହ ଗୋଟିଏ ଗୋଟିଏ ଗାଡି ମଧ୍ୟ ପ୍ରଦାନ କରାଯାଇଛି । ଏହା ସହ ସ୍କ୍ୱାଡ୍‌ମାନଙ୍କ ପାଇଁ ସେଫ୍ଟି କିଟ୍ ମଧ୍ୟ ପ୍ରଦାନ କରାଯାଇଛି। ଏହା ସହ ୬ ହାଜର ୭୦୦ ଫରେଷ୍ଟ ଗାର୍ଡଙ୍କ ଫୋନ୍ ନମ୍ବର ମଧ୍ୟ ଆମ ୱେବ ସାଇଟରେ ଉପଲବ୍ଧ ରହିଛି । କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡେଇବା ପାଇଁ ଏହି ଫରେଷ୍ଟ ଗାର୍ଡ ଆଲର୍ଟ ରହିବେ । ବନ ବିଭାଗ ମୁଖ୍ୟାଳୟ ସହ ପ୍ରତ୍ୟେକ ବନଖଣ୍ଡରେ ମଧ୍ୟ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ରହିଛି । ନିଆଁକୁ ରୋକିବା ଏବଂ ନିଆଁ ଲିଭାଇବା ପାଇଁ ସହାୟତା ଦେଉଥିବା ଗାଁକୁ ଆମେ ଇନସେଟିଭ ପ୍ରଦାନ କରିଛୁ। ଚଳିତ ବର୍ଷ ମଧ୍ୟ ୫୨୦ ଗ୍ରାମକୁ ବିଭାଗ ତରଫରୁ ଇନସେଟିଭି ପ୍ରଦାନ କରାଯାଇଛି। ଜଙ୍ଗଲକୁ ଲାଗି ରହିଥିବା ଗାଁ ଗୁଡିକରେ ସଚେତନତା ସହ ବିଭିନ୍ନ କର୍ମଶାଳାର ମଧ୍ୟ ଆୟୋଜନ କରାଯାଇଛି।

